ସତ୍ୟାତ୍ ନାସ୍ତି ପରୋଧର୍ମଃ

# ବିଶ୍ୱଧାରା

ଜୁଲାଇ-ସେପ୍ଟେମ୍ବର ୨୦୨୬

**July-September 2026**

---


- ରାଧା ଉପନିଷଦ — ଡ. ଚିତ୍ତରଞ୍ଜନ ଶତପଥୀ — ୧
- ସାକ୍ଷାତ୍କାର — ମିତାଲିନୀ ଚୌଧୁରୀ — ୬
- ବୌଦ୍ଧଧର୍ମ — ରାଜକୁମାର ପୃଷ୍ଟି — ୧୩
- ଜୈନଧର୍ମରେ ମୋକ୍ଷ — ବନିତା ମହାନ୍ତି — ୧୭
- ସାଧନା — କସ୍ତୁରୀ ମହାନ୍ତି — ୨୧
- ଭାଗବତର ଏକାଦଶ ସ୍କନ୍ଧ : ମୁକ୍ତି-ମାର୍ଗର ଦିଗ୍‌ଦର୍ଶନ — ଡକ୍ଟର ଚିନ୍ମୟୀ ମହାପାତ୍ର — ୨୮
- Directory (With Phone Numbers) — 49


---

**ଉତ୍କଳ ବ୍ରହ୍ମବିଦ୍ୟା ସଂଘ**

**୩୪୬, ଗୌତମନଗର, ଭୁବନେଶ୍ୱର-୭୫୧୦୧୪**

E-mail: utkaltheo.fed1965@gmail.com

Web : www.theosophy-utkal.org

# ରାଧା ଉପନିଷଦ

**ଡ. ଚିତ୍ତରଞ୍ଜନ ଶତପଥୀ**

ମୁକ୍ତିକା ଉପନିଷଦରେ ୧୦୮ ମୁଖ୍ୟ ଉପନିଷଦର ତାଲିକା ଦିଆଯାଇଅଛି । ରାଧା ଉପନିଷଦର ନାମ ସେ ତାଲିକାରେ ନାହିଁ । ଏହି ଉପନିଷଦର ଦୁଇଟି ଭିନ୍ନପାଠ ଦେଖିବାକୁ ମିଳେ । ଗୋଟିଏ ପାଠକୁ ଋଗ୍‌ବେଦୀୟ କୁହାଯାଉଥିବାବେଳେ ଦ୍ୱିତୀୟଟିକୁ ଅଥର୍ବବେଦୀୟ କୁହାଯାଏ । ଋଗ୍‌ବେଦୀୟ ରାଧା ଉପନିଷଦଠାରୁ ଅର୍ଥବବେଦୀୟ ରାଧା ଉପନିଷଦ ଦୀର୍ଘ ଏବଂ ସେଥିରେ ଚାରୋଟି ପ୍ରପାଠକ ରହିଅଛି । ଆଡ଼ୟାର ଗ୍ରନ୍ଥାଳୟ ଦ୍ୱାରା ପ୍ରକାଶିତ "ଅପ୍ରକାଶିତ ଉପନିଷଦ'' ସଂକଳନରେ ଅଥର୍ବବେଦୀୟ ରାଧା ଉପନିଷଦ ସ୍ଥାନ ପାଇଅଛି ।

ପ୍ରଥମ ରାଧା ଉପନିଷଦ ପ୍ରତିପାଦିତ କରେ ଯେ ରାଧା ଓ କୃଷ୍ଣ ଏକ, ଲୀଳା ପାଇଁ ଦୁଇ ହୋଇଛନ୍ତି – "ଦେହେନ ଏକଃ, କ୍ରୀଡନାର୍ଥଂ ଦ୍ୱିଧାଭୂତ୍ ।'' ଦ୍ୱିତୀୟ ରାଧା ଉପନିଷଦ କୁହେ ଯେ ରାଧାକୃଷ୍ଣଙ୍କର ଏକ ଆସନ, ଏକ ବୁଦ୍ଧି, ଏକ ମନ, ଏକ ଜ୍ଞାନ, ଏକ ଆତ୍ମା । ଏଥିପାଇଁ ଦୁହିଁଙ୍କ ମଧ୍ୟରେ ଭେଦ ନାହିଁ – "ଅତ ଏବ ଦ୍ୱୟୋର୍ନ ଭେଦଃ''

ଏହି ପ୍ରବନ୍ଧରେ ଋଗ୍‌ବେଦୀୟ ରାଧା ଉପନିଷଦର ପୂର୍ଣ୍ଣ ଅନୁବାଦ ଦିଆଯାଇଅଛି ଏବଂ ଅର୍ଥବେଦୀୟ ରାଧା ଉପନିଷଦର ସାରମର୍ମ ଉପସ୍ଥାପିତ କରାଯାଇଅଛି ।

## ଋଗ୍‌ବେଦୀୟ ରାଧା ଉପନିଷଦ

ଓଁ । ଊର୍ଦ୍ଧ୍ୱରେତା (ବାଳ ବ୍ରହ୍ମଚାରୀ) ସନକାଦି ଋଷିମାନେ ଭଗବାନ ହିରଣ୍ୟଗର୍ଭ (ବ୍ରହ୍ମା) ଙ୍କ ଉପାସନା କରି ତାଙ୍କୁ ପଚାରିଲେ –

"ହେ ଦେବ ! ପରମ ଦେବ କିଏ ? ତାଙ୍କର ଶକ୍ତିମାନେ କିଏ ? ସେ ଶକ୍ତିମାନଙ୍କ ମଧ୍ୟରେ ସବୁଠାରୁ ଶ୍ରେଷ୍ଠ କିଏ ଏବଂ ସୃଷ୍ଟିର କାରଣ କିଏ ?

ସେ (ବ୍ରହ୍ମା) କହିଲେ –

"ହେ ପୁତ୍ରଗଣ ! ଶୁଣ। ଏହି କଥାଟି ଗୁହ୍ୟତର ଏବଂ ପ୍ରକାଶଯୋଗ୍ୟ ନୁହେଁ। ଯାହାକୁ ତାହାକୁ ଏହି ଗୁପ୍ତ କଥା କୁହାଯାଇ ପାରିବ ନାହିଁ। ଯାହାର ହୃଦୟ ସ୍ନିଗ୍ଧ (ରସମୟ), ଯେ ବ୍ରହ୍ମବାଦୀ, ଯେ ଗୁରୁ ଭକ୍ତ, ତାକୁହିଁ ଏ ଗୁପ୍ତ କଥା କୁହାଯାଇପାରିବ। ଅନ୍ୟକୁ କହିବା ମହାପାପ ହେବ।

ହରି ଶ୍ରୀକୃଷ୍ଣ ହିଁ ପରମ ଦେବ। ସେ ଛଅ ପ୍ରକାର ଐଶ୍ୱର୍ଯ୍ୟ (ଐଶ୍ୱର୍ଯ୍ୟ, ଯଶ, ଶ୍ରୀ, ଧର୍ମ, ଜ୍ଞାନ ଓ ବୈରାଗ୍ୟ) ରେ ପରିପୂର୍ଣ୍ଣ ଭଗବାନ। ସେ ଗୋପ – ଗୋପୀଙ୍କଦ୍ୱାରା ସେବ୍ୟ, ବୃନ୍ଦା (ତୁଳସୀ) ଙ୍କ ଦ୍ୱାରା ଆରାଧିତ, ବୃନ୍ଦାବନର ସ୍ୱାମୀ ଏବଂ ସେ ହିଁ ଏକମାତ୍ର ଈଶ୍ୱର (ପରମେଶ୍ୱର)।

ତାଙ୍କରି ଏକ ରୂପ – ଅଖିଳ ବ୍ରହ୍ମାଣ୍ଡର ଅଧିପତି ନାରାୟଣ, ଯେ ତାଙ୍କର ଅଂଶ, ସେ ପ୍ରକୃତିଠାରୁ ପ୍ରାଚୀନ ଏବଂ ନିତ୍ୟ। ସେହି ଶ୍ରୀକୃଷ୍ଣଙ୍କର ଅନେକ ପ୍ରକାର ଶକ୍ତି ଅଛନ୍ତି। ଆହ୍ଲାଦିନୀ (ହ୍ଲାଦିନୀ), ସନ୍ଧିନୀ, ଜ୍ଞାନ, ଇଚ୍ଛା, କ୍ରିୟା ଆଦି ବହୁପ୍ରକାର ଶକ୍ତି ଅଛନ୍ତି।

ସେମାନଙ୍କ ମଧ୍ୟରେ ଆହ୍ଲାଦିନୀ ସବୁଠାରୁ ଶ୍ରେଷ୍ଠ। ସେ ପରମ ଅନ୍ତରଙ୍ଗ ଭୂତା ଶ୍ରୀରାଧା। ଶ୍ରୀକୃଷ୍ଣଙ୍କ ଦ୍ୱାରା ଆରାଧିତା, ତେଣୁ ରାଧା। ଶ୍ରୀରାଧା ମଧ୍ୟ ଶ୍ରୀକୃଷ୍ଣଙ୍କର ସମାରାଧନା କରନ୍ତି, ତେଣୁ ସେ ରାଧିକା। ତାଙ୍କୁ ଗାନ୍ଧର୍ବା ବୋଲି ମଧ୍ୟ କୁହାଯାଏ।

ଗୋପୀମାନେ, (ଶ୍ରୀକୃଷ୍ଣଙ୍କର) ପାଟରାଣୀମାନେ ଏବଂ ଲକ୍ଷ୍ମୀ ମଧ୍ୟ ତାଙ୍କର (ଶ୍ରୀରାଧାଙ୍କର) କାୟବ୍ୟୂହରୂପା (ବିଭିନ୍ନ ରୂପରେ ଅଭିବ୍ୟକ୍ତା)।

ଶ୍ରୀରାଧା ଏବଂ ରସମୟ ଶ୍ରୀକୃଷ୍ଣ ଶରୀରରେ ଏକ, ଲୀଳାପାଇଁ ଦୁଇ ହୋଇଛନ୍ତି।

ଶ୍ରୀରାଧା ଶ୍ରୀହରିଙ୍କର ସମ୍ପୂର୍ଣ୍ଣ ଈଶ୍ୱରୀ, ସମ୍ପୂର୍ଣ୍ଣ ସନାତନୀ ବିଦ୍ୟା, ଶ୍ରୀକୃଷ୍ଣଙ୍କର ପ୍ରାଣର ଅଧିଷ୍ଠାତ୍ରୀ ଦେବୀ ମଧ୍ୟ। ଏକାନ୍ତରେ ଚାରି ବେଦ ତାଙ୍କର ସ୍ତୁତି କରନ୍ତି। ବ୍ରହ୍ମବେତ୍ତା ଜ୍ଞାନୀମାନେ ତାଙ୍କର ପରମ ପଦର ପ୍ରତିପାଦନ କରନ୍ତି।

ତାଙ୍କର ମହିମା ମୁଁ (ବ୍ରହ୍ମା) ମୋର ସମସ୍ତ ଆୟୁ ମଧ୍ୟରେ ବର୍ଣ୍ଣନା କରି ପାରିବି ନାହିଁ। ସେ ଯାହାଙ୍କୁ କୃପା କରନ୍ତି ପରମ ଧାମ ତାଙ୍କର ହସ୍ତଗତ ହୋଇଯାଏ। ତାଙ୍କୁ ନ ଜାଣି ଯେ ଶ୍ରୀକୃଷ୍ଣଙ୍କର ଆରାଧନା କରିବାକୁ ଚହେଁ ସେ ମହା ମୂର୍ଖ।

ଶ୍ରୁତିମାନେ ତାଙ୍କର ଏହି ନାମମାନଙ୍କର ଗାୟନ କରନ୍ତି :

୧. ରାଧା ୨. ରାସେଶ୍ୱରୀ ୩. ରମ୍ୟା ୪. କୃଷ୍ଣମନ୍ତ୍ରାଧିଦେବତା ୫. ସର୍ବାଦ୍ୟା ୬.ସର୍ବବନ୍ଦ୍ୟା ୭. ବୃନ୍ଦାବନ ବିହାରିଣୀ ୮.ବୃନ୍ଦାରାଧ୍ୟା ୯. ରମା ୧୦. ଅଶେଷ ଗୋପୀମଣ୍ଡଳପୂଜିତା ୧୧. ସତ୍ୟା ୧୨. ସତ୍ୟପରା ୧୩. ସତ୍ୟଭାମା ୧୪. ଶ୍ରୀକୃଷ୍ଣବଲ୍ଲଭା ୧୫. ବୃଷଭାନୁସୁତା ୧୬. ଗୋପୀ ୧୭. ମୂଳପ୍ରକୃତି ୧୮.ଈଶ୍ୱରୀ ୧୯.ଗାନ୍ଧର୍ବା ୨୦. ରାଧିକା ୨୧.ଆରମ୍ୟା ୨୨. ରୁକ୍ମିଣୀ ୨୩. ପରମେଶ୍ୱରୀ ୨୪.ପରାତ୍ପରତରା ୨୫.ପୂର୍ଣ୍ଣା ୨୬. ପୂର୍ଣ୍ଣଚନ୍ଦ୍ରନିଭାନନା ୨୭. ଭୁକ୍ତିମୁକ୍ତିପ୍ରଦା ୨୮. ଭବବ୍ୟାଧିବିନାଶିନୀ।’’

ଏହି ୨୮ନାମକୁ ଯେ ପାଠ କରନ୍ତି ସେ ଜୀବନମୁକ୍ତ ହୋଇଯାଆନ୍ତି – ଏହା ଭଗବାନ ହିରଣ୍ୟଗର୍ଭ (ବ୍ରହ୍ମା) କହନ୍ତି।

ତାଙ୍କର ସନ୍ଧିନୀ ଶକ୍ତି (ଶ୍ରୀ ବୃନ୍ଦାବନ ଧାମ, ଭୂଷଣ, ଶଯ୍ୟା ତଥା ଆସନ ଆଦି) ମିତ୍ର ସେବକ ରୂପରେ ପରିଣତ ହୁଏ ଏବଂ ମର୍ତ୍ତ୍ୟଲୋକରେ ଅବତରଣ ସମୟରେ ସେହି ମାତା – ପିତାଙ୍କ ରୂପରେ ପ୍ରକଟିତ ହୁଏ। ଏହାହିଁ ଅନେକ ଅବତାରର କାରଣ।

ଜ୍ଞାନ ଶକ୍ତି କ୍ଷେତ୍ରଜ୍ଞ ଶକ୍ତି। ମାୟା ଇଚ୍ଛାଶକ୍ତିର ଅନ୍ତର୍ଭୁକ୍ତ। ଏହା ସତ୍ତ୍ୱ, ରଜ, ତମୋମୟୀ ଏବଂ ବହିରଙ୍ଗ। ଏହାହିଁ ଜଗତର କାରଣ, ଅବିଦ୍ୟା ରୂପରେ ଜୀବର ବନ୍ଧନର କାରଣ ମଧ୍ୟ। କ୍ରିୟାଶକ୍ତି ହିଁ ଲୀଳାଶକ୍ତି।

ଯେ ଏହି ଉପନିଷଦର ପାଠ କରିବ ସେ ଅବ୍ରତୀ ଥିଲେ ମଧ୍ୟ ବ୍ରତୀ ହୋଇଯିବ। ସେ ବାୟୁ ପରି ପବିତ୍ର ହୋଇଯିବ ଏବଂ ବାୟୁ ପରି ପବିତ୍ର କରାଇ ପାରିବ। ସେ ରାଧାକୃଷ୍ଣଙ୍କର ପ୍ରିୟ ହୋଇଯିବ ଏବଂ ଯେଉଁଠାଏ ତାର ଦୃଷ୍ଟି ପଡ଼ିବ, ସେ ସମସ୍ତଙ୍କୁ ପବିତ୍ର କରିଦେବ।

ଓଁ ତତ୍ ସତ୍। ଇତି ଋଗବେଦୀୟ ଶ୍ରୀରାଧୋପନିଷଦ୍।

## ଅଥର୍ବବେଦୀୟ ରାଧା ଉପନିଷଦ

ଋଗ୍‌ବେଦୀୟ ରାଧା ଉପନିଷଦ ସନକାଦି ଋଷି ଏବଂ ହିରଣ୍ୟଗର୍ଭ ବ୍ରହ୍ମାଙ୍କ ମଧ୍ୟରେ ସମ୍ବାଦ (ପ୍ରଶ୍ନୋତ୍ତର) ରୂପରେ ଉପସ୍ଥାପିତ। ଅଥର୍ବବେଦୀୟ ରାଧା ଉପନିଷଦର ଉପସ୍ଥାପନା ତାହାଠାରୁ ଭିନ୍ନ। ଏଥିରେ କୁହାଯାଇଛି ଯେ ସୁଷୁପ୍ତାବସ୍ଥାରେ ଶ୍ରୀରାମ ସ୍ୱତଃ ଜ୍ଞାନ ଲାଭ କରିବାପାଇଁ ମନେ ମନେ ପଚାରିଛନ୍ତି କୃଷ୍ଣ, ରାଧା, ବୈକୁଣ୍ଠ, ବୃନ୍ଦାବନ ପ୍ରଭୃତିଙ୍କ ବିଷୟରେ ଅନେକ ପ୍ରଶ୍ନ । ସେହି ସବୁ ପ୍ରଶ୍ନ ଓ ଉତ୍ତରକୁ ନେଇ ଚାରୋଟି ପ୍ରପାଠକ (ଅଧ୍ୟାୟ)ରେ ଉପାସ୍ଥାପିତ ହୋଇଛି ଅର୍ଥବବେଦୀୟ ରାଧା ଉପନିଷଦ, ଯାହାର ସାରମର୍ମ ଅଧ୍ୟୟନ ଯୋଗ୍ୟ।

କୃଷ୍ଣ କିଏ, ରାଧା କିଏ, ବୃନ୍ଦାବନ କ'ଣ, ଗୋପ ଓ ଗୋପୀ ମାନେ କିଏ ? ଏସବୁ ପ୍ରଶ୍ନ କୌଣସି ଐତିହାସିକ ବ୍ୟକ୍ତି ଓ ଭୌଗଳିକ ସ୍ଥାନ ବିଷୟରେ ନୁହେଁ ବରଂ ଆଧ୍ୟାତ୍ମିକ ତତ୍ତ୍ୱ ସମ୍ବନ୍ଧୀୟ। ଏ ସବୁର ଗୁଢ଼ ଅର୍ଥ (Esoteric meaning) ଜାଣିବା ପାଇଁ ପ୍ରଶ୍ନ କରାଯାଇଛି। "କୃଷ୍ଣୋ ବୈ ପରୋ ଦେବଃ, ରାଧିକା ପରା ଶକ୍ତିଃ।" ଯେପରି ଅଗ୍ନି ଓ ତାର ଉତ୍ତାପ ଅଭିନ୍ନ, ସେହିପରି କୃଷ୍ଣ ଓ ରାଧା ଅଭିନ୍ନ - କୃଷ୍ଣ ଶକ୍ତିମାନ, ରାଧା ତାଙ୍କର ଶକ୍ତି। ବୃନ୍ଦାବନ ତାଙ୍କର ନିତ୍ୟଧାମ- ଏହା କୌଣସି ଭୌଗଳିକ ସ୍ଥାନ ନୁହେଁ, ବରଂ ନିତ୍ୟ ଆଧ୍ୟାତ୍ମିକ ଲୋକର ପ୍ରତୀକ। ଗୋପ, ଗୋପୀମାନେ ସାଧରଣ ମଣିଷ ନୁହନ୍ତି, ଈଶ୍ୱରଙ୍କର ଆନନ୍ଦ ଶକ୍ତିର ବିଭିନ୍ନ ପ୍ରକାଶ। କୃଷ୍ଣଙ୍କୁ କେବଳ ବିଷ୍ଣୁଙ୍କ ଅବତାର ରୂପେ ନୁହେଁ, ବରଂ ପରମ ଦେବତା, ପରମବ୍ରହ୍ମ ରୂପରେ ବର୍ଣ୍ଣନା କରାଯାଇଛି, ତେବେ ନିରାକାର ରୂପରେ ନୁହେଁ - ପ୍ରେମମୟ, ପୀତାମ୍ବରଧାରୀ, ମୟୂରପୁଚ୍ଛଭୂଷିତ, ବେଣୁବାଦକ, ସୁନ୍ଦର କିଶୋର ରୁପରେ। ରାଧାଙ୍କୁ ବର୍ଣ୍ଣନା କରାଯାଇଛି ପରାଶକ୍ତି, ଆଦ୍ୟା ପ୍ରକୃତି, ସମସ୍ତ ଦେବୀଙ୍କ ଉତ୍ସ, ମହାଲକ୍ଷ୍ମୀ, ଦୁର୍ଗା ପ୍ରଭୃତିଙ୍କ ମୂଳ ସ୍ୱରୂପ ଭାବରେ। କୃଷ୍ଣ ଓ ରାଧା ଦୁହିଁଙ୍କ ମଧ୍ୟରେ ଭେଦ ନାହିଁ, ଯେହେତୁ ସେ ଦୁହେଁ କାଳ, ମାୟା, ଗୁଣାତୀତ। ସୂର୍ଯ୍ୟ ଓ ଆଲୋକ, ଅଗ୍ନି ଓ ତାର ତାପ, ଚନ୍ଦ୍ର ଓ ତାହାର ଜ୍ୟୋତ୍ସ୍ନା ପରି ସେ ଦୁହେଁ ଅଭିନ୍ନ।

ଏହି ଉପନିଷଦରେ ବୈକୁଣ୍ଠ ଓ ଗୋଲୋକର ବର୍ଣ୍ଣନାରୁ ଜଣାପଡ଼େ, ଏଠାରେ କୌଣସି ଭୌଗୋଳିକ ସ୍ଥାନର କଥା କୁହାଯାଉନାହିଁ, ବରଂ ଏହା ଏକ ଯୋଗପୀଠ, ଚେତନାର ସର୍ବୋଚ୍ଚ କେନ୍ଦ୍ର, ଯେଉଁଠାରେ ପ୍ରେମ ଓ ବ୍ରହ୍ମ ଏକତ୍ର ହୁଅନ୍ତି । ସେଠାରେ ରାଧା କୃଷ୍ଣ ବିରାଜମାନ, ସେଠାରେ ଜରା, ମୃତ୍ୟୁ, ଶୋକ, ଭୟ, କାଳର ପ୍ରଭାବ ନାହିଁ, ସବୁକିଛି ଆନନ୍ଦମୟ । ତାହାହିଁ ପରମପଦ । ସେଠାରେ ପହଁଞ୍ଚିବାର ଉପାୟ ହେଉଛି ଜପ, ଧ୍ୟାନ, କୀର୍ତ୍ତନ, ସ୍ମରଣ ଓ ମାନସପୂଜା । "ମାନସ ପୂଜୟା ଜପେନ ଧ୍ୟାନେନ କୀର୍ତ୍ତନେନ ସ୍ତୁତ୍ୟା ମାନସେନ ସର୍ବେଣ ନିତ୍ୟସ୍ଥଳଂ ପ୍ରାପ୍ନୋତି ।''

ଏହି ଉପନିଷଦର ଚତୁର୍ଥ ପ୍ରପାଠକ ଉତ୍କଳୀୟ ପାଠକ ମାନଙ୍କୁ ଆହ୍ଲାଦିତ କରିବ । ଏଠାରେ ବୃନ୍ଦାବନ, ଦ୍ୱାରକା, ବୈକୁଣ୍ଠ ଓ ନୀଳପର୍ବତ (ନୀଳାଚଳ) କୁ ପରମତତ୍ତ୍ୱର ବିଭିନ୍ନ ପ୍ରକାଶ ଭାବରେ ଦର୍ଶାଯାଇଛି – ବୃନ୍ଦାବନ ପ୍ରେମର କେନ୍ଦ୍ର, ବୈକୁଣ୍ଠ ଐଶ୍ୱର୍ଯ୍ୟର କେନ୍ଦ୍ର, ନୀଳାଚଳ କରୁଣାର କେନ୍ଦ୍ର – ପରନ୍ତୁ ସେମାନଙ୍କର ମୂଳ ଏକ । ଜଗନ୍ନାଥଙ୍କୁ ପରବ୍ରହ୍ମ କୁହାଯାଇଛି । ଯେ ବୈକୁଣ୍ଠରେ ଲକ୍ଷ୍ମୀ, ବ୍ରହ୍ମଲୋକରେ ସରସ୍ୱତୀ, କୈଳାସରେ ଗୌରୀ, ସେ ହେଉଛନ୍ତି ଗୋଲକରେ ରାଧା ।

ଏହି ଉପନିଷଦର ଶେଷରେ ଦିଆଯାଇଥିବା ଧ୍ୟାନମନ୍ତ୍ର ବ୍ରହ୍ମବିଦ୍ୟା ସମିତିରେ ବ୍ୟବହୃତ ଶ୍ୱେତାଶ୍ୱତର ଉପନିଷଦର ଧ୍ୟାନମନ୍ତ୍ର (୬.୧୧) ସହିତ ପ୍ରାୟ ସମାନ –

"ଏକୋ ଦେବୋ ନିତ୍ୟଲୀଳାନୁରକ୍ତୋ,
ଭକ୍ତବ୍ୟାପୀ ଭକ୍ତହୃଦୟାନ୍ତରାତ୍ମା ।
କର୍ମାଧ୍ୟକ୍ଷଃ ସର୍ବଭୂତାଧିବାସଃ,
ସାକ୍ଷୀ ଚେତା କେବଲୋ ନିର୍ଗୁଣଶ୍ଚ ।"

❖❖❖

# ସାକ୍ଷାତ୍‌କାର

**ମିତାଲିନୀ ଚୌଧୁରୀ**

ବ୍ରହ୍ମବିଦ୍ୟା ସମିତିରେ ଯୋଗଦେବା ପରେ ଅନେକ ବିଦ୍ୱାନ, ଜ୍ଞାନୀ, ଦୟାଳୁ ଓ ନିଃସ୍ୱାର୍ଥପର ସେବାପରାୟଣ ବ୍ୟକ୍ତିଙ୍କ ସହିତ ସାକ୍ଷାତ କରିଛି । ସେମାନଙ୍କର କଥା, ବ୍ୟବହାର, ବିଚାରଧାରା ଓ କାର୍ଯ୍ୟ ମତେ ବହୁତ ପ୍ରଭାବିତ କରିଛି । ବ୍ରହ୍ମବିଦ୍ୟା ପୁସ୍ତକ ଅଧ୍ୟୟନ ଓ ଆଲୋଚନାରୁ ବେଶ୍ ଅଧିକ ଶିକ୍ଷା ସେମାନଙ୍କର ଜୀବନଶୈଳୀରୁ ଲାଭ କରିଛି । ମୋର ଭାଇଭଉଣୀମାନଙ୍କୁ ସେମାନଙ୍କ ବିଷୟରେ କିଛି ଜଣାଇବା ପାଇଁ ସେମାନଙ୍କ ନିକଟକୁ ଯାଇ କିଛି ପ୍ରଶ୍ନ ପଚାରି ତାର ଉତ୍ତର ପାଇଛି । ପରେ ଯଥାସାଧ୍ୟ ଚେଷ୍ଟାକରି ଲେଖିଛି ଯାହାକି ଆମ୍ଭର ବିଶ୍ୱଧାରା ପତ୍ରିକାରେ ପ୍ରକାଶିତ ହୋଇସାରିଛି । ଆମର ସକ୍ରିୟ ନିଷ୍ଠାବାନ୍ ସଭ୍ୟ ଶ୍ରୀଯୁକ୍ତ ରାମଚନ୍ଦ୍ର ପଟ୍ଟନାୟକ, ଶ୍ରୀଯୁକ୍ତ ରସାନନ୍ଦ ନାୟକ, ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାନ୍ତି, ଶ୍ରୀମତୀ ଅମିୟ ମହାପାତ୍ର, ଶ୍ରୀମତୀ ଶୈଳବାଳା ମହାପାତ୍ର, ଶ୍ରୀମତୀ ତିଳୋତ୍ତମା ଚୌଧୁରୀ ଏବଂ ଶ୍ରୀମତୀ କୁସୁମ ଶତପଥିଙ୍କ ଜୀବନ, ବ୍ରହ୍ମବିଦ୍ୟା ସମିତି ପାଇଁ ସେମାନଙ୍କର କାର୍ଯ୍ୟ ଏବଂ ସମାଜସେବା ବିଷୟରେ କିଞ୍ଚିତମାତ୍ର ଉଲ୍ଲେଖ କରିଥିଲି । ଏତଦ୍‌ବ୍ୟତୀତ କେରଳ ବ୍ରହ୍ମବିଦ୍ୟା ସମିତିର ଜଣେ ସଭ୍ୟ ଶ୍ରୀଯୁକ୍ତ ରାମଚନ୍ଦ୍ର ତାପିଙ୍କ ଯେ କି ବ୍ରହ୍ମବିଦ୍ୟା ସମିତିର ଜାତୀୟ ପ୍ରବକ୍ତା ଭାବରେ, School of Wisdom ର Director ଭାବରେ ଅନେକ କାର୍ଯ୍ୟ ବେଶ୍ ଭଲଭାବରେ ସଂପାଦନ କରିଛନ୍ତି, ତାଙ୍କର ଶାନ୍ତ ଏବଂ ନମ୍ରତା ଭାବ ଦେଖି ତାଙ୍କୁ ଏବଂ ତାଙ୍କର ଧର୍ମପତ୍ନୀଙ୍କୁ ଅନୁରୋଧ କରିଥିଲି ମତେ ସେମାନଙ୍କର ଜୀବନଶୈଳୀ ଓ ବ୍ରହ୍ମବିଦ୍ୟା କାର୍ଯ୍ୟ ବିଷୟରେ କିଛି କହିବାକୁ । ଯେତେବେଳେ ପ୍ରଦୀପ ଏବଂ ମୁଁ ମହାରାଷ୍ଟ୍ର ଯାଇଥିଲୁ ସେତେବେଳେ କେତେକ ମହାନ୍ ବ୍ୟକ୍ତିଙ୍କ ସହିତ ମିଶିବାର ସୁଯୋଗ ପାଇଥିଲୁ । ପୁନେ ଯିବା ପୂର୍ବରୁ ଆକୋଟ

ବ୍ରହ୍ମବିଦ୍ୟା ଲଜ୍‌ରେ କାର୍ଯ୍ୟକ୍ରମ ଥିବାରୁ ଆକୋଟରେ ଶ୍ରୀମତୀ ଶାଳିନୀ ପୋଟେଙ୍କ ଘରେ ରାତ୍ରିଯାପନ କଲୁ । ସେଠାରେ ବ୍ରହ୍ମବିଦ୍ୟା କ୍ଲାସ୍ କରିବା ବା ଭାଷଣ ଦେବା ମୋ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ ତାହାଠାରୁ କେଇ ଗୁଣା ଗୁରୁତ୍ୱପୂର୍ଣ୍ଣ ଥିଲା, ଶାଳିନୀ ଭଉଣୀଙ୍କ ସାଥିରେ ଦୁଇଦିନ ବିତାଇବା । ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସରେ ଉପନୀତ ହୋଇଥିଲେ ବି ମତେ ତାଙ୍କର କାର୍ଯ୍ୟ, ଶକ୍ତି ଏବଂ ସ୍ମୃତି ୧୮ ବର୍ଷର ଯୁବତୀ ଭଳି ପ୍ରତୀୟମାନ ହେଉଥିଲା । ବିରାଟ ବଡ଼ ଫାର୍ମ ହାଉସରେ ସେ ଏକାକୀ ରହୁଥିଲେ ଏବଂ ସବୁ କାର୍ଯ୍ୟ ନିଜେ କରୁଥିଲେ । ନିଜ ଜାଗାରେ ବ୍ରହ୍ମବିଦ୍ୟା ଅଧ୍ୟୟନ ଓ ଆଲୋଚନା ପାଇଁ ସୁନ୍ଦର ପ୍ରକୋଷ୍ଠ ନିର୍ମାଣ କରିଥିଲେ, ଯାହାର ଉପର ମହଲାରେ ES Shrine room ଥାଏ । ଭଉଣୀଙ୍କ ସାହସ, ନିଷ୍ଠା, ଭକ୍ତି, ଜ୍ଞାନ ଓ ଶକ୍ତି ବିଷୟରେ ମଧ୍ୟ ବିଶ୍ୱଧାରାରେ ପ୍ରକାଶିତ କରିଥିଲି । ଅନ୍ୟ କେତେଜଣ ସଭ୍ୟଙ୍କ ସହିତ ମିଶିଛି, ବହୁତ କିଛି ଅନୁଭୂତି ବିଷୟରେ ଶୁଣିଛି, ବ୍ୟବହାର ଓ କାର୍ଯ୍ୟ ଦେଖିଛି; କିନ୍ତୁ ତାଙ୍କଠାରୁ ଅନୁମତି ମିଳିନି ସେ ବିଷୟରେ ପ୍ରକାଶ କରିବାକୁ ।

ଏଠାରେ ଯାହାଙ୍କ ବିଷୟରେ ଲେଖିବାକୁ ଯାଇଛି ସେ ମଧ୍ୟ ମତେ କହିଲେ ଏତେସବୁ ପ୍ରଶ୍ନ ପଚାରିବାର କାରଣ କ'ଣ ? ମୋର ଉତ୍ତର ଥିଲା, 'ବିଶ୍ୱଧାରା'ରେ ପ୍ରକାଶ କରିବି । ପ୍ରଥମେ ଆଦୌ ରାଜି ହେଲେ ନାହିଁ । ବହୁତ ଅନୁନୟ ବିନୟ ହୋଇ କହିବାରୁ ଅନୁମତି ଦେଲେ ଏବଂ କେତେକ ସାଧନା ବିଷୟରେ ପ୍ରକାଶ କରିବାକୁ ବାରଣ କଲେ । ମୋର ସାହସ ନ ଥିଲା ବେଶିକିଛି ପଚାରିବାକୁ । ଯାହା ପଚାରିଥିଲି ତାହାକୁ ଏଠାରେ ଉଲ୍ଲେଖ କରୁଛି । ସେ ହେଉଛନ୍ତି ଶ୍ରୀଯୁକ୍ତ ସତ୍ୟବୀର ତ୍ୟାଗୀ ।

ପ୍ରଶ୍ନ : ଆପଣ କେମିତି ବ୍ରହ୍ମବିଦ୍ୟା ସମିତିରେ ଯୋଗଦେଲେ ?

ଉତ୍ତର : ମୁଁ ବ୍ରହ୍ମବିଦ୍ୟା ସମିତି ବିଷୟରେ ପୂର୍ବରୁ କିଛିହେଲେ ଜାଣି ନ ଥିଲି କି ଆମ ପରିବାର, ସାଙ୍ଗସାଥୀ, ବନ୍ଧୁବାନ୍ଧବ କେହି ମଧ୍ୟ ବ୍ରହ୍ମବିଦ୍ୟା ସମିତିର ସଭ୍ୟ ନ ଥିଲେ । ମୁଁ କଲେଜରେ ଅଧ୍ୟୟନ କରିବା ସମୟରେ ଅନେକ ପତ୍ରପତ୍ରିକା ପଢ଼ିବାରେ ମୋର ରୁଚି ଥିଲା । ଦିନେ ଗୋଟିଏ ପତ୍ରିକାର ଶେଷ ପୃଷ୍ଠାରେ ବିଜ୍ଞାପନ ପ୍ରକାଶିତ ହୋଇଥିଲା । ଗାୟତ୍ରୀ ପରିବାର ତରଫରୁ ହରିଦ୍ୱାରରେ କେତେଜଣ

selected ବ୍ୟକ୍ତିଙ୍କୁ ଟ୍ରେନିଂ ଦିଆଯିବ । ମୁଁ ଆବଶ୍ୟକ ଥିବା ସମସ୍ତ ତଥ୍ୟ ଦେଇ ଫର୍ମ ଭରିଲି ଏବଂ ସେ ଶିବିରରେ ଯୋଗଦେବାପାଇଁ ମନୋନୀତ ହେଲି । ମିରଟ୍ ରୋଡ଼ରେ ଥିବା ଅସଲତ୍ ନଗରରେ ଆମ ଘର । ମୁଁ ନିର୍ଦ୍ଦିଷ୍ଟ ସମୟରେ ଯାଇ ସୁରାଦନଗରରୁ ଟ୍ରେନ୍‌ରେ ବସିଲି । ହରିଦ୍ୱାର ପହଞ୍ଚିବାର କିଛି ଘଣ୍ଟା ପୂର୍ବରୁ ଜଣେ ବାବା ଆସି ମୋ ପାଖରେ ବସିଲେ । ମତେ ପଚାରିଲେ, "ବେଟା ତୁମେ କେଉଁଠାକୁ ଯିବ ?" ମୁଁ ଅତି ଦମ୍ଭ ଏବଂ ଗର୍ବର ସହିତ ହରିଦ୍ୱାରରେ ଗାୟତ୍ରୀ ଶିବିରରେ ଯୋଗଦେବା ବିଷୟ କହିଲି । ମୁଁ କେତେ ପୁରାଣ, ଧର୍ମଗ୍ରନ୍ଥ ପାଠ କରିଛି ବାହାସ୍ଫୋଟ ମାରି ସବୁ କହିଚାଲିଲି । ଶାନ୍ତ ଓ ଧୈର୍ଯ୍ୟର ସହିତ ମୋର ସବୁକଥା ଶୁଣିଲା ପରେ ବାବା ଜଣକ ଧୀରେ କହିଲେ– ଷ୍ଟେସନରୁ ଓହ୍ଲାଇ ଗାୟତ୍ରୀ ଶିବିର ଯିବା ବାଟରେ ବ୍ରହ୍ମବିଦ୍ୟା ଅଧ୍ୟୟନ ଓ ଆଲୋଚନା ହେଉଛି, ସେଠିକି ଯାଇପାରିବ କି ? ମୁଁ ମଧ୍ୟ ମୁଣ୍ଡ ଟୁଙ୍ଗାରିଲି । ଓହ୍ଲାଇଲା ପରେ ତାଙ୍କ କହିବା ଅନୁସାରେ ଉକ୍ତ ସ୍ଥାନକୁ ଗଲି । ସ୍ଥାନଟିକୁ ଦେଖିଦେଇ ମୋ ମନ ଫିକା ହୋଇଗଲା । କାହିଁକି ନା କିଛି ସାଜସଜ୍ଜା ନାହିଁ କି ଲୋକଗହଳି ନାହିଁ । ଗୋଟିଏ କୋଠାଘର, ଦରଓ୍ୱାନ୍ ଗେଟ୍ ପାଖରେ ଠିଆ ହୋଇଛି । ମୁଁ ଦରଓ୍ୱାନକୁ ପଚାରିଲି– ଏଠି ବ୍ରହ୍ମବିଦ୍ୟା କ୍ଲାସ୍ ହେଉଛି କି ? ସେ ଧୀର ଭାବରେ କହିଲେ ହଁ ଆଜ୍ଞା– ଉପର ଘରେ । ପାହାଚ ଚଢ଼ି ଉପରକୁ ଗଲି । ଦେଖିଲି ୧୫ରୁ ୨୦ ଜଣ ବସିଛନ୍ତି ଏବଂ ଜଣେ ବ୍ଲାକ୍‌ବୋର୍ଡରେ ଚିତ୍ର କରି କ'ଣ ସବୁ ବୁଝାଉଛନ୍ତି । ମନ ନ ଥିଲେ ବି ବାଧ ହୋଇ ପଛରେ ବସିପଡ଼ିଲି । ଘଣ୍ଟାଏ ଭିତରେ ଯାହାସବୁ ଶୁଣିଲି ତାହା ମତେ ଆଶ୍ଚର୍ଯ୍ୟ କଲା । ସେ ସାତ ଲୋକ, ସାତ ଶରୀର, ସାତ ତତ୍ତ୍ୱ ଇତ୍ୟାଦି ବିଷୟରେ କହୁଥିଲେ ଯାହା ମୁଁ କେବେ ଶୁଣି ନଥିଲି । ମୋର ସବୁ ଗର୍ବ, ପାଣ୍ଡିତ୍ୟ ଧୂଳିସାତ୍ ହୋଇଗଲା ।

ଶେଷରେ ଯାଇ ସେହି ମହାନ୍ ଶିକ୍ଷକଙ୍କ ପାଦତଳେ ପ୍ରଣିପାତ କରି ମତେ ଶିଷ୍ୟରୂପେ ଗ୍ରହଣ କରିବାକୁ ଅନୁରୋଧ କଲି । ସେ ମୋତେ ଆଲିଙ୍ଗନ କରି କହିଲେ– "ବେଟା, ଏଠି ଆମେ ସମସ୍ତେ ଛାତ୍ର । ସମୟ ଆସିଲେ ତୁମକୁ ଗୁରୁ ନିଜେ ଦେଖାଇଦେବେ– ତୁମେ ପୁସ୍ତକ ଅଧ୍ୟୟନ କର, ବ୍ରହ୍ମବିଦ୍ୟା ବିଷୟରେ ପ୍ରଥମେ ଜାଣ । ଆମର ଦିଲ୍ଲୀ ବ୍ରହ୍ମବିଦ୍ୟା ସମିତିର ବାର୍ଷିକ ଉତ୍ସବ ଆସନ୍ତା ମାସରେ

ହେବ । ଆମର ଆନ୍ତର୍ଜାତିକ ସଭାପତି ଏନ୍ ଶ୍ରୀରାମ ମୁଖ୍ୟ ଅତିଥି ଭାବରେ ଯୋଗଦେବେ, ତୁମେ ଇଚ୍ଛାକଲେ ସେ ବାର୍ଷିକ ଉତ୍ସବରେ ଯୋଗଦେଇପାରିବ । ଦିଲ୍ଲୀ ବ୍ରହ୍ମବିଦ୍ୟା ସମିତିର ବାର୍ଷିକ ଉତ୍ସବରେ ଯାଇ ଯୋଗଦେଲି । ଏନ୍. ଶ୍ରୀରାମଙ୍କ ଆଲୋଚନା ଏତେ ହୃଦୟସ୍ପର୍ଶୀ ଥିଲା ଯେ ମୁଁ ଭାବିଲି ଏ ତାହାର ପ୍ରକୃତ ଗୁରୁ । ସେ ମଧ୍ୟ ପୂର୍ବବତ୍ ମତେ କହିଲେ, ମୁଁ ମଧ୍ୟ ଛାତ୍ର । ଏଠି ଆମେ ସମସ୍ତେ ଛାତ୍ର । ସମସ୍ତେ ବ୍ରହ୍ମବିଦ୍ୟା ଅଧ୍ୟୟନ କରିବା, ସତ୍ୟର ଅନ୍ୱେଷଣ କରିବା । ତୁମେ ଯଦି ବ୍ରହ୍ମବିଦ୍ୟା ଜାଣିବାକୁ ଚାହୁଁଛ ତେବେ ଏହି ପୁସ୍ତକ At the feet of the Master ଅଧ୍ୟୟନ କର । ଭଲ ଲାଗିଲେ ମେମ୍ବରସିପ୍ ଫର୍ମ ନେଇ ମେମ୍ବର ହୋଇପାରିବ । ମୁଁ ଅତି ଆଗ୍ରହରେ ବହିଟିକୁ ଆଣି ପୃଷ୍ଠା ପରେ ପୃଷ୍ଠା ପାଠ କରି ତା' ପରଦିନ ବହିଟିକୁ ଫେରାଇବାକୁ ଗଲି । ବହିଟି ତାଙ୍କ ହାତକୁ ବଢ଼ାଇବା କ୍ଷଣି ସ୍ମିତହାସ୍ୟରେ କହିଲେ ଏ ବହିଟିର ବିଷୟବସ୍ତୁ କେବଳ ପାଠ କରିବାକୁ ନୁହେଁ, ପ୍ରତ୍ୟେକ ଧାଡ଼ିର ସତ୍ୟତାକୁ ଅନୁଭବ କରି ନିଜ ଜୀବନରେ ପ୍ରତିଫଳିତ କରିବାକୁ ହେବ । ସେ ବହିଟିକୁ ପୁନର୍ବାର ସେ ମୋ ହାତକୁ ବଢ଼ାଇଦେଲେ ଏବଂ ମୋର ଆଗ୍ରହ ଦେଖି ମେମ୍ବରସିପ୍ ଫର୍ମ ଦେବାକୁ କହିଥିଲେ । ସେହିଦିନ ମୁଁ ବ୍ରହ୍ମବିଦ୍ୟା ସମିତିର ସଭ୍ୟ ହେଲି ୧୯୭୦ ମସିହାରେ ।

ପ୍ରଶ୍ନ : ବ୍ରହ୍ମବିଦ୍ୟା ସମିତିର କେଉଁସବୁ ତଥ୍ୟ ଆପଣଙ୍କୁ ଆକୃଷ୍ଟ କରିଥିଲା ?

ଉତ୍ତର : ପ୍ରଥମେ ମତେ ଆକୃଷ୍ଟ କରିଥିଲା ସ୍ୱାଧୀନ ଚିନ୍ତାଧାରା । କୌଣସି ବିଷୟ ଯେତେ ସତ୍ୟତା ଥିଲେ ମଧ୍ୟ ନିଜେ ଭଲଭାବେ ବୁଝି ହୃଦୟଙ୍ଗମ କଲେ ଜଣେ ଗ୍ରହଣ କରିପାରିବେ ବା ଗ୍ରହଣ ନ କରିପାରନ୍ତି । ଗ୍ରହଣ କରିବା ପାଇଁ କେହିହେଲେ ବାଧ୍ୟ କରିବେ ନାହିଁ । ମୋର ମନରେ ଥିଲା ଗୁରୁ ପାଇଗଲେ, ଗୁରୁ ମତେ ଯାହା ଆଦେଶ ଦେବେ ତାହା ମୁଁ କରିବି । କିନ୍ତୁ ବ୍ରହ୍ମବିଦ୍ୟା ସମିତିର ଦୁଇଜଣ ମହାନ୍ ବ୍ୟକ୍ତି ମତେ କହିଥିଲେ, ଏଠି ଆମେ ସମସ୍ତେ ଛାତ୍ର । ପ୍ରତ୍ୟେକ ନିଜେ ନିଜେ ଚେଷ୍ଟା କରିବେ ଅବୋଧ୍ୟ ବିଷୟବସ୍ତୁ ବା ବ୍ରହ୍ମବିଦ୍ୟାର ଗୂଢ଼ତତ୍ତ୍ୱକୁ ବୁଝିବାକୁ । ହୁଏତ ଅନ୍ୟର ସାହାଯ୍ୟ ନେଇପାର; କିନ୍ତୁ ସେ ଉତ୍ତର ଆପଣଙ୍କ ପାଇଁ ସନ୍ତୋଷଜନକ ହୋଇ ନ ପାରେ । ବ୍ରହ୍ମବିଦ୍ୟା ସମିତିର ତିନୋଟି ଲକ୍ଷ୍ୟ ମଧ୍ୟ

ବହୁତ ଭଲ ଲାଗିଲା । ଯେଉଁଠାରେ ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତେ ଏକ । ସମସ୍ତେ ବ୍ରହ୍ମବିଦ୍ୟା ସମିତିର ସଭ୍ୟ ହୋଇପାରିବ । ଏଠାରେ ଅନ୍ଧ ଭାବରେ କୌଣସି ବିଷୟକୁ ଗ୍ରହଣ କରାଯାଏନା ବା ନିଜ ଧର୍ମକୁ ସମ୍ମାନ ଦେଇ, ମହାନ୍ ବୋଲି ଭାବି ଅନ୍ୟ ଧର୍ମକୁ ଅସମ୍ମାନ କରାଯାଏନା । ସେଥିପାଇଁ ବିଜ୍ଞାନ, ଦର୍ଶନ ଓ ଧର୍ମର ତୁଳନାତ୍ମକ ଅଧ୍ୟୟନକୁ ଉତ୍ସାହିତ କରାଯାଏ । ବିଶ୍ୱ ଭ୍ରାତୃଭାବ ଏବଂ ସବୁ ଧର୍ମର ସାରତତ୍ତ୍ୱ ଏକ, ଏହାକୁ ଉପଲବ୍ଧି କରିବାକୁ ହେଲେ ପ୍ରକୃତିର ଅବ୍ୟାଖ୍ୟାତ ନିୟମ ଓ ମଣିଷ ଭିତରେ ଥିବା ଶକ୍ତିର ଅନୁଧ୍ୟାନ ଓ ଅନୁଶୀଳନ ଏକାନ୍ତ ଆବଶ୍ୟକ । ଏତଦ୍‌ବ୍ୟତୀତ Universal invocation, Golden stairs ମତେ ଆକୃଷ୍ଟ କରିଥିଲା ।

ପ୍ରଶ୍ନ : ବ୍ରହ୍ମବିଦ୍ୟା ସମିତିର ସଭ୍ୟ ଭାବରେ ଆପଣ ସମିତି ପାଇଁ କ'ଣସବୁ କରିଛନ୍ତି ?

ଉତ୍ତର : ପ୍ରଥମେ ଆମର ଆନ୍ତର୍ଜାତିକ ସଭାପତି ଏନ୍. ଶ୍ରୀରାମଙ୍କ କଥା ଅନୁସାରେ At the Feet of the Master ପୁସ୍ତକଟିରେ ବର୍ଣ୍ଣିତ ୪ଟି ଯୋଗ୍ୟତାକୁ ନିଜ ଜୀବନରେ ପ୍ରତିଫଳିତ କରିବାକୁ ଯଥାସାଧ୍ୟ ଚେଷ୍ଟା କରି ଚାଲିଛି । ଲଜ୍‌ରେ ବ୍ରହ୍ମବିଦ୍ୟା ବିଷୟରେ କହିବାକୁ ସୁଯୋଗ ମିଳିଲା । ତତ୍‌ପରେ ଲଜ୍‌ର ସେକ୍ରେଟାରୀ ଓ ପ୍ରେସିଡେଣ୍ଟ ଭାବରେ ଅନେକ ବର୍ଷ କାର୍ଯ୍ୟ କରିଛି । ଏହି କାର୍ଯ୍ୟ ମତେ ସୁଯୋଗ ଦେଲା ଦିଲ୍ଲୀ ବ୍ରହ୍ମବିଦ୍ୟା ସମିତିର ସେକ୍ରେଟାରୀ ଓ ପ୍ରେସିଡେଣ୍ଟ ଭାବରେ କାର୍ଯ୍ୟ କରିବାକୁ । Indian Section Council Member, Executive Member, Manager of V.K.M college, National Secretary of T.O.S., Director of Theosophical Studies ଭାବରେ କାର୍ଯ୍ୟ କରିଅଛି । National Lecturer ଭାବରେ ୨୧ ବର୍ଷ ଧରି ଭାରତର ବିଭିନ୍ନ ସ୍ଥାନକୁ ଯାଇ ବ୍ରହ୍ମବିଦ୍ୟାର ପ୍ରଚାର ପ୍ରସାର କରିଅଛି । ଯେତେବେଳେ କୁଆଡ଼େ ନ ଯାଏ ସେତେବେଳେ ବ୍ରହ୍ମବିଦ୍ୟା ବିଷୟରେ ଲେଖା ଆରମ୍ଭ କରେ ଯାହାକି ପୁସ୍ତକ ଆକାରରେ ପ୍ରକାଶିତ ହୋଇଛି । ଏତଦ୍‌ବ୍ୟତୀତ ସାଧନା ଓ ଧ୍ୟାନ ଦ୍ୱାରା କର୍ତ୍ତବ୍ୟ କରି ଚାଲେ ।

ପ୍ରଶ୍ନ : ସାଧନା ଓ ଧ୍ୟାନ ପାଇଁ ବୋଧେ ଆପଣ ପରିଣତ ବୟସରେ ଏତେ ସୁସ୍ଥ, କର୍ମଠ ଓ ଆନନ୍ଦରେ ଅଛନ୍ତି ?

ଉତ୍ତର : ନିଶ୍ଚିତ । ସାଧନା ଓ ଧ୍ୟାନ ଦ୍ୱାରା ମୁଁ ନିଜର ଶକ୍ତିକୁ ଉପଲବ୍ଧି କରିଛି । ତମେମାନେ ଦେଖୁଛ ଏହି ଶାନ୍ତିକୁଟୀର ଭିତରେ ଏକାକୀ ରହି ଘରର ସମସ୍ତ କାର୍ଯ୍ୟ– ଘର ଓଳା ପୋଛା, ସଫା, ରୋଷେଇ କରିବା, ବଗିଚା କାମ ସହିତ ସପ୍ତାହକୁ ଦୁଇଥର ବ୍ରହ୍ମବିଦ୍ୟା ଆଲୋଚନା ଓ ଧ୍ୟାନ କରାଉଛି । ଆଖପାଖ ଗାଁର ଆଗ୍ରହୀ ଭାଇଭଉଣୀମାନେ ଆସି ଯୋଗ ଦିଅନ୍ତି । ଏସବୁ କାର୍ଯ୍ୟ ମତେ ବହୁତ ଶାନ୍ତି ଓ ଆନନ୍ଦ ଦେଇଛି ।

ପ୍ରଶ୍ନ : ଆପଣ ଲେଖିଥିବା ପୁସ୍ତକ ସବୁ କ'ଣ ? ଆପଣଙ୍କୁ ବ୍ରହ୍ମବିଦ୍ୟାର କେଉଁ ପୁସ୍ତକ ସବୁଠାରୁ ଭଲ ଲାଗେ ।

ଉତ୍ତର : ପ୍ରଥମେ Study Course of Theosophy (Essence of Theosophy - Part-1, Part-2 ଏବଂ Part-3 ପ୍ରକାଶିତ ହେଲା । ତତ୍‌ପରେ Meditation, Adhyathmic Vigyan and Atmanubhuti, The Message of Masters of Wisdom, Divine Wisdom and Realization Teaching through Krishnamurti and Mahatmas of Theosophy, Prepartion and Transformation ରେ ଆତ୍ମଚିନ୍ତନ ପ୍ରକାଶିତ ହୋଇଛି । ବ୍ରହ୍ମବିଦ୍ୟାର ସବୁ ପୁସ୍ତକ ଉପାଦେୟ । ମତେ ଭଲ ଲାଗୁଥିବା ପୁସ୍ତକଗୁଡ଼ିକ ବ୍ରହ୍ମବିଦ୍ୟାର ତିନୋଟି ମୁକ୍ତା । (At the Feet of the Master, The Voice of the Silence and The Light on the Path) Study in Consciousness and Mahatma letters.

ପ୍ରଶ୍ନ : ଆପଣଙ୍କ ଜୀବନରେ କିଛି ଗୁରୁତ୍ୱପୂର୍ଣ୍ଣ ଘଟଣା ବିଷୟରେ ଟିକେ କହିବେ କି ?

ଉତ୍ତର : ଗୁରୁତ୍ୱପୂର୍ଣ୍ଣ ଘଟଣା ବ୍ରହ୍ମବିଦ୍ୟା ସମିତିର ସଭ୍ୟ ହେବା । ଦ୍ୱିତୀୟରେ ଯେଉଁଦିନ ମୁଁ Ordinance Factory ରୁ resign କଲି । ମୁଁ ମେକାନିକାଲ୍ ଇଞ୍ଜିନିୟର ଭାବରେ Indian Defence, Ordinance Factory ରେ କାର୍ଯ୍ୟ

କରୁଥିଲି ସେତେବେଳେ ମୋର ଧର୍ମପତ୍ନୀ, କନ୍ୟା, ବାପା, ମା'ଓ ଭାଇଭଉଣୀମାନେ ମୋ ଉପରେ ନିର୍ଭରଶୀଳ ଥିଲେ । ବ୍ରହ୍ମବିଦ୍ୟାର ଗୂଢ଼ ନିୟମ ସବୁ ବୁଝିଲା ପରେ ମୋର କାର୍ଯ୍ୟ ବସ୍ ତିଆରି କରିବା ମତେ ଆଦୌ ଭଲ ଲାଗିଲା ନାହିଁ । ମୋର ଚାକିରି ଛାଡ଼ିବା କଥା ଶୁଣି ପରିବାର ଆଶ୍ଚର୍ଯ୍ୟଚକିତ ହୋଇ ଭାଙ୍ଗିପଡ଼ିଲେ । ଅନେକ ବାଧାବିଘ୍ନ, ପ୍ରଲୋଭନ ସତ୍ତ୍ୱେ ମୁଁ ସେ ଚାକିରି ଛାଡ଼ିଦେଲି । ପରିବାର ପ୍ରତି କର୍ତ୍ତବ୍ୟ ପାଇଁ ଦିଲ୍ଲୀରେ ଛୋଟ ଚାକିରି କଲି । ଲ' ପଢ଼ିଲି । ଆଡ଼ଭୋକେଟ୍ ଭାବେ ଦିଲ୍ଲୀ ହାଇକୋର୍ଟ ଏବଂ ପରେ ସୁପ୍ରିମକୋର୍ଟରେ ପ୍ରାକ୍ଟିସ୍ କରି ନିଜର କର୍ତ୍ତବ୍ୟ ସଂପାଦନ କଲି ।

ତୃତୀୟ ଘଟଣାଟି ହେଲା– ଦୁଇ ଝିଅଙ୍କ ବିବାହ ପରେ Profession ଛାଡ଼ି ଯେତେବେଳେ Theosophy କାର୍ଯ୍ୟ ପାଇଁ ବନାରସରେ ଯାଇ ରହିଲି, ବ୍ରହ୍ମବିଦ୍ୟା ଅଧ୍ୟୟନ, ସାଧନା, ଧ୍ୟାନ ଓ ପ୍ରଚାର କରିବାକୁ ହିଁ ଏକମାତ୍ର ଲକ୍ଷ୍ୟ ରୂପେ ଗ୍ରହଣ କଲି । ୨୧ ବର୍ଷ ବନାରସରେ ରହି ଅନେକ ବାଧାବିଘ୍ନ ସତ୍ତ୍ୱେ ଆନନ୍ଦରେ ବ୍ରହ୍ମବିଦ୍ୟା କାର୍ଯ୍ୟ କରିବା ସହିତ ସାଧନା ଓ ଧ୍ୟାନ ପାଇଁ ସୁବର୍ଣ୍ଣ ସୁଯୋଗ ପାଇଲି, ଯେଉଁଥିପାଇଁ ଆଜି ମଧ୍ୟ ଏକାକୀ ରହି ଶାନ୍ତି ଓ ଆନନ୍ଦରେ କାର୍ଯ୍ୟ କରିଚାଲିଛି ।

❖❖❖

# ବୌଦ୍ଧଧର୍ମ

## ରାଜକୁମାର ପୃଷ୍ଟି

ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମ ବୁଦ୍ଧ ଖ୍ରୀଷ୍ଟପୂର୍ବ ୫୬୩ରେ ନେପାଳ ସୀମାବର୍ତ୍ତୀ କପିଳବାସ୍ତୁଠାରେ ଶାକ୍ୟ ରାଜବଂଶରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ବାଲ୍ୟକାଳର ନାମ ସିଦ୍ଧାର୍ଥ ଥିଲା । ସେ ସଂସାରରେ ମଣିଷ ଭୋଗ କରୁଥିବା ଦୁଃଖର କାରଣ ଓ ନିରାକରଣର ଉପାୟ ପ୍ରାପ୍ତି ପାଇଁ ନିଜର ସମସ୍ତ ସାଂସାରିକ ଭୋଗବିଳାସ ତ୍ୟାଗକରି ନିରଞ୍ଜନା ନଦୀତଟସ୍ଥିତ ଉରୁବେଲ ନାମକ ସ୍ଥାନରେ ଏକ ବଟବୃକ୍ଷ ତଳେ ଦୀର୍ଘ ଛଅବର୍ଷରୁ ଅଧିକ ସମୟ ତପସ୍ୟା କରି ମଣିଷ ସଂସାରରେ ଭୋଗ କରୁଥିବା ଦୁଃଖର କାରଣ ଓ ନିରାକରଣର ପରମ ଜ୍ଞାନର ସନ୍ଧାନ ପାଇ ଖ୍ରୀଷ୍ଟପୂର୍ବ ୫୨୭ରେ କରୁଣା, ପ୍ରେମ ଓ ଅହିଂସାକୁ ମୂଳମନ୍ତ୍ର କରି ବୌଦ୍ଧଧର୍ମର ପ୍ରଚାର ଆରମ୍ଭ କରିଥିଲେ । ବୁଦ୍ଧଦେବଙ୍କ ଶିକ୍ଷାରେ ଜ୍ଞାନ, ନୈତିକ ଆଚରଣ, ମନର ଶୃଙ୍ଖଳା ସହିତ କର୍ମ, ପୁନର୍ଜନ୍ମ ଓ ସାଂସାରିକ ବସ୍ତୁର ଅନିତ୍ୟତା ପ୍ରତିଫଳିତ ହୋଇଥାଏ, ଯାହା ସମସ୍ତ ପ୍ରାଣୀଙ୍କୁ ଜାଗରଣ ଓ ଅନିତ୍ୟ ସଂସାରରୁ ନିର୍ବାଣ ଅର୍ଥାତ୍ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି ଆଡ଼କୁ ନେଇଥାଏ ।

ବୌଦ୍ଧଧର୍ମ ମତରେ ଚାରି ଆର୍ଯ୍ୟ ସତ୍ୟ ହେଲା– ଜଗତ ବା ସଂସାରରେ ଦୁଃଖ ଅଛି ଏବଂ କାମନା ବା ଇଚ୍ଛା, ଆସକ୍ତି ଏବଂ ତୃଷ୍ଣା ସମସ୍ତ ଦୁଃଖର କାରଣ । ଯାହାର ଜନ୍ମଦାତା ଅଜ୍ଞାନ ସୁତରାଂ କାମନାର ବିନାଶରେ ଦୁଃଖର ବିନାଶ ବା ନିର୍ବାଣ ସମ୍ଭବପର । ଏହି କାମନାର ବିନାଶ ନିମିତ୍ତ ଅଷ୍ଟାଙ୍ଗମାର୍ଗ ଅବଲମ୍ବନ ଅପରିହାର୍ଯ୍ୟ । ତାହା ହେଲା–ସତ୍ ବିଶ୍ୱାସ, ସତ୍ ଆଶା, ସତ୍ ବାକ୍ୟ, ସତ୍ ଚରିତ୍ର, ସତ୍ ମାର୍ଗରେ ଜୀବିକା, ସତ୍ ଚିନ୍ତା, ସତ୍ ସାଧନା ଏବଂ ସତ୍ ଉପାସନା । ମଣିଷ ନିରହଂକାର ଓ ଏକାଗ୍ରତାପୂର୍ବକ ଆତ୍ମବିଶ୍ୱାସର ସହ ଉପରୋକ୍ତ ଅଷ୍ଟାଙ୍ଗମାର୍ଗର ଉଚିତ ଅଭ୍ୟାସଦ୍ୱାରା ନିର୍ବାଣ ଲାଭ କରେ ।

ଏହା ସତ୍ୟ ଯେ, ଶ୍ରୀମଦ୍‌ଭଗବତ୍‌ଗୀତାର କର୍ମବାଦ ବୌଦ୍ଧଧର୍ମର ତତ୍ତ୍ୱରେ ପ୍ରତିଫଳିତ ହୋଇଛି । କାରଣ ବୌଦ୍ଧଧର୍ମର ମୂଳ ମତ ପୁନର୍ଜନ୍ମବାଦ ଉପରେ ପ୍ରତିଷ୍ଠିତ । ବୌଦ୍ଧମାନେ ମୁକ୍ତି ନ ଚାହିଁ ନିର୍ବାଣ ଚାହାନ୍ତି ଯାହାକି ଜନ୍ମାନ୍ତରରୁ ଉଦ୍ଧାରକୁ ବୁଝାଏ । ମଣିଷ ଭଲ କର୍ମ କଲେ ଭଲ ଜନ୍ମ ଓ ମନ୍ଦ କର୍ମ କଲେ ମନ୍ଦ ଜନ୍ମ ପାଏ । ପୂର୍ବଜନ୍ମର ସଞ୍ଚିତ କର୍ମର ଫଳ ସଂପୂର୍ଣ୍ଣ ଭାବରେ ନ ସରିବା ପର୍ଯ୍ୟନ୍ତ, ମଣିଷ ଜନ୍ମ-ମୃତ୍ୟୁ ଚକ୍ରର ଅଧୀନରେ ଥାଏ । ନିର୍ବାଣ ହିଁ ମଣିଷର ଶେଷ ଅବସ୍ଥା, ଯାହାର ପ୍ରାପ୍ତିରେ ମଣିଷ ଜନ୍ମ-ମୃତ୍ୟୁ ଚକ୍ରରୁ ସବୁଦିନ ପାଇଁ ନିସ୍ତାର ପାଇଥାଏ । ଏହି ଧର୍ମଭାବନାରେ ଚିନ୍ତା, ବାକ୍ୟ ଓ ଆଚରଣରେ ପଞ୍ଚଶୀଳ ପାଳନ, ଅର୍ଥାତ୍ ହିଂସା ନ କରିବା, ଚୋରି ନ କରିବା, ମିଥ୍ୟା ନ କହିବା, ଦୁରାଚାର ନ କରିବା ଓ ନିଶା ନ ଖାଇବାକୁ ଗୁରୁତ୍ୱ ଦିଆଯାଏ । ଏହା ମଣିଷ ଭିତରେ ଥିବା ଅନ୍ଧକାର ଅର୍ଥାତ୍ ଅଜ୍ଞାନକୁ ଦୂର କରି ଜ୍ଞାନର ଦୀପ ଜାଳିବାରେ ସହାୟକ ହୁଏ । ବୌଦ୍ଧମାନଙ୍କ ମତରେ ଜଣେ ପୂର୍ଣ୍ଣାଙ୍ଗ ବୌଦ୍ଧ ହେବାପାଇଁ ବୁଦ୍ଧଙ୍କ ଶରଣ, ଧର୍ମର ଶରଣ ଓ ସଂଘର ଶରଣ ନେବା ଏକାନ୍ତ ଆବଶ୍ୟକ ।

ପାଲି ଭାଷାରେ ଲିଖିତ 'ତ୍ରିପିଟକ' ବୌଦ୍ଧଧର୍ମାବଲମ୍ବୀମାନଙ୍କର ପବିତ୍ର ଗ୍ରନ୍ଥ ଅଟେ । ଏହା ବୁଦ୍ଧଦେବଙ୍କର ମୁଖନିଃସୃତ ଧର୍ମ ଓ ଆଚରଣ ସମ୍ପର୍କିତ ଶିକ୍ଷାର ସମାହାର ଅଟେ, ଯାହା ସେ ତାଙ୍କ ଶିଷ୍ୟମାନଙ୍କୁ ବିଭିନ୍ନ ସମୟରେ ଉପଦେଶ ଛଳରେ ସେମାନଙ୍କର ଆତ୍ମବିଶ୍ୱାସ, ଆଧ୍ୟାତ୍ମିକ ଶକ୍ତି, ମନୋଯୋଗ, ଏକାଗ୍ରତା ଓ ପ୍ରଜ୍ଞା ବା ଜ୍ଞାନର ଉନ୍ମୀଳନ ପାଇଁ ପ୍ରଦାନ କରିଥିଲେ । ତାଙ୍କର ମହାପ୍ରୟାଣ ପରେ ତାଙ୍କ ପ୍ରଦତ୍ତ ଉପଦେଶଗୁଡ଼ିକ ସୂତ୍ର ଆକାରରେ – ସୁତ୍ତପିଟକ, ବିନୟ ପିଟକ ଓ ଅଭିଧମ୍ମ ପିଟକ ନାମକ ତିନୋଟି ଗ୍ରନ୍ଥରେ ପ୍ରତିଫଳିତ ହୋଇଛି, ଯାହାର ସମାହାରକୁ ତ୍ରିପିଟକ ଗ୍ରନ୍ଥ କୁହାଯାଏ । ସୁତ୍ତ ପିଟକରେ ପାଞ୍ଚଟି ଭାଗ ଅଛି, ଯେଉଁଥିରେ ଗୌତମ ବୁଦ୍ଧ ତାଙ୍କ ଜୀବନକାଳରେ ବିଭିନ୍ନ ବର୍ଗ ଯଥା - ରାଜା, ସାଧାରଣ ସାଂସାରିକ ଲୋକ, ଶିଷ୍ୟ ଇତ୍ୟାଦିଙ୍କୁ ପ୍ରଦାନ କରିଥିବା ଉପଦେଶ, ସଂଳାପ ଏବଂ କାହାଣୀଗୁଡ଼ିକ ସ୍ଥାନିତ ହୋଇଛି, ଯାହା ବୌଦ୍ଧଧର୍ମର ଦର୍ଶନ ଓ ଶିକ୍ଷାର ମୁଖ୍ୟ ଭିତ୍ତିଭୂମି । ବିନୟ ପିଟକ ସଂଘର ଆଚାର ସଂହିତା ସଦୃଶ ।

କାରଣ ଏଥିରେ ବୌଦ୍ଧଭିକ୍ଷୁ/ଭିକ୍ଷୁଣୀଙ୍କ ପାଇଁ ସଂଘରେ ପ୍ରବେଶର ନିୟମ, ଦୈନନ୍ଦିନ ଜୀବନରେ ଶୃଙ୍ଖଳା ଓ ଆଚରଣ, ବିବାଦ ସମାଧାନର ନିୟମ, ସଂଘ ବିସ୍ତାର ହେବାର ମନ୍ତ୍ର ସ୍ଥାନିତ ହୋଇଛି । ଅଭିଧମ୍ମ ପିଟକରେ ସୁତ୍ତ ପିଟକରେ ଦିଆଯାଇଥିବା ଚାରି ମହାନ୍ ସତ୍ୟ, ଅଷ୍ଟାଙ୍ଗ ମାର୍ଗ, କର୍ମସିଦ୍ଧାନ୍ତ, ପଞ୍ଚଶୀଳ ଇତ୍ୟାଦି ଶିକ୍ଷାର ବ୍ୟବସ୍ଥିତ ଢଙ୍ଗରେ ଦାର୍ଶନିକ ବିଶ୍ଳେଷଣ କରାଯାଇଛି, ଯାହା ମନ, ଚେତନା ଏବଂ ବାସ୍ତବତାର ଗୁଣଗୁଡ଼ିକୁ ଗଭୀର ଭାବରେ ଅନୁସନ୍ଧାନ କରିବାର ଇନ୍ଧନ ଯୋଗାଇବା ସହିତ ବୌଦ୍ଧ ନୀତିଶାସ୍ତ୍ର ଏବଂ ଧ୍ୟାନ ଅଭ୍ୟାସର ଜ୍ଞାନ ପ୍ରଦାନ କରେ । ଏହି ଧର୍ମଶିକ୍ଷାରେ ତିନି ବାସ୍ତବତା ଉପରେ ଗୁରୁତ୍ୱ ଦିଆଯାଏ, ଯାହା ବୁଝାଏ ଯେ, ଜଗତର ସବୁକିଛି ନିରନ୍ତର ପରିବର୍ତ୍ତନଶୀଳ, ସମସ୍ତ ଅସ୍ଥାୟୀ ଜିନିଷ ସନ୍ତୁଷ୍ଟକାରୀ ନୁହେଁ ଏବଂ କୌଣସି ସ୍ଥାୟୀ ଅପରିବର୍ତ୍ତନୀୟ ଆତ୍ମା ବା ସ୍ୱ ବୋଲି କିଛି ନାହିଁ ।

ବୁଦ୍ଧଦେବ ତାଙ୍କ ଜୀବନ କାଳରେ ନିଜ ଆଚରଣ ଓ ଉଚ୍ଚାରଣରେ ବୌଦ୍ଧଶିକ୍ଷା ପ୍ରତିଫଳିତ କରିବା ସଙ୍ଗେସଙ୍ଗେ ସଂସ୍କୃତ ଭାଷା ବଦଳରେ ତତ୍କାଳୀନ ସାଧାରଣ ଲୋକ ବ୍ୟବହାର କରୁଥିବା ପାଲି ଏବଂ ପ୍ରାକୃତ ଭାଷାରେ ସତ୍ୟ, ଦାନ, ଦୟା, ତ୍ୟାଗ ବିଷୟରେ ନୀତି କାହାଣୀ ମାଧ୍ୟମରେ ଶିକ୍ଷା ଦେଉଥିଲେ । କାରଣ ସେ କହୁଥିଲେ ଧର୍ମ ସମସ୍ତଙ୍କ ପାଇଁ । ତେଣୁ ଭାଷା ମଧ୍ୟ ସମସ୍ତଙ୍କର ବୋଧଗମ୍ୟ ହେବା ଉଚିତ । ବୌଦ୍ଧମାନେ ବିଶ୍ୱାସ କରନ୍ତି, ବୁଦ୍ଧଦେବ ତାଙ୍କର ପୂର୍ବଜନ୍ମ ମାନଙ୍କରେ ଗଛଲତା, ପଶୁପକ୍ଷୀ ଏବଂ ମନୁଷ୍ୟ ଭାବରେ ୫୫୦ରୁ ଅଧିକ ଥର ଜନ୍ମ ନେଇଥିଲେ ଓ ପ୍ରତ୍ୟେକ ଜନ୍ମରେ ଦୟା, କ୍ଷମା, ସତ୍ୟ, ନେତୃତ୍ୱ ଓ ଆତ୍ମତ୍ୟାଗ ଭଳି ଗୋଟିଏ ଗୋଟିଏ ଗୁଣ ବା ପରିମିତା ଅଭ୍ୟାସ କରିଥିଲେ । ବୌଦ୍ଧଧର୍ମର ପବିତ୍ର ଗ୍ରନ୍ଥ 'ତ୍ରିପିଟକ'ର 'ଖୁଦ୍ଦକ ନିକାୟ' ଅଂଶରେ ତାଙ୍କ ପୂର୍ବଜନ୍ମର ଘଟଣାବଳୀକୁ ଆଧାର କରି ପ୍ରାୟ ୪୭ଟି କାହାଣୀ ଅଛି, ଯାହା ଜାତକ କଥା ଭାବରେ ପରିଚିତ । ଏହା ଦର୍ଶାଏ ଯେ ପ୍ରତ୍ୟେକ ଜନ୍ମରେ ଭଲ କାମ କରି ସେ ବୁଦ୍ଧ ସ୍ତରରେ ପହଞ୍ଚି ପାରିଥିଲେ । ଉଦାହରଣସ୍ୱରୂପ ଶିବ ଜାତକ ଗଳ୍ପରେ ରାଜା ଶିବଙ୍କ ରୂପରେ ଜନ୍ମଲାଭ କରି ଗୋଟିଏ କପୋତକୁ ବଞ୍ଚାଇବାକୁ

ଯାଇ ନିଜ ଶରୀରର ମାଂସ କାଟି ଦେଇଥିଲେ, ଯାହା ଦୟା ଓ ତ୍ୟାଗର କଥା କହୁଥିଲାବେଳେ ବେଶ୍ବାନ୍ତର ଜାତକ ଗଳ୍ପରେ ସେ ରାଜକୁମାର ବେଶ୍ବାନ୍ତର ଭାବରେ ନିଜର ସବୁ ସମ୍ପତ୍ତି ପତ୍ନୀ ଓ ପିଲାଙ୍କ ମଧ୍ୟରେ ଦାନ କରିଦେଇଥିଲେ । ସେହିପରି ବାନର ଜାତକ ଗଳ୍ପରେ ବୁଦ୍ଧ ବାନର ରୂପରେ ନିଜ ସାଥୀମାନଙ୍କୁ ବଞ୍ଚାଇବାକୁ ଯାଇ ନିଜ ଜୀବନ ଦେଇଥିଲେ ଯାହା ନେତୃତ୍ୱ ଏବଂ ଆତ୍ମତ୍ୟାଗର କଥା କୁହେ ।

ବୌଦ୍ଧଧର୍ମ ମହାଯାନ ଓ ହୀନଯାନ ନାମରେ ଦୁଇ ସମ୍ପ୍ରଦାୟରେ ବିଭକ୍ତ । ହୀନଯାନ ସମ୍ପ୍ରଦାୟ ବ୍ୟକ୍ତିଗତ ସାଧନା ମାଧ୍ୟମରେ ଅର୍ହତ ହେବା ଅର୍ଥାତ୍ ନିଜକୁ ପ୍ରଥମେ ଦୁଃଖରୁ ମୁକ୍ତ କରି ନିର୍ବାଣ ଲାଭ ଲକ୍ଷ୍ୟରେ ଅଗ୍ରସର ହେଉଥିଲାବେଳେ ମହାଯାନ ସମ୍ପ୍ରଦାୟ ବୋଧିସତ୍ତ୍ୱ ହେବା ଅର୍ଥାତ୍ ସମସ୍ତଙ୍କୁ ମୁକ୍ତ କରିବା ପର୍ଯ୍ୟନ୍ତ ନିଜେ ନିର୍ବାଣ ନ ନେବାର ପ୍ରତିଜ୍ଞା କରେ । ଏହି ଦୁଇ ସମ୍ପ୍ରଦାୟ ପରସ୍ପରକୁ ଶତ୍ରୁ ଭାବରେ ଦେଖନ୍ତି ନାହିଁ କାରଣ ଉଭୟଙ୍କର ସାଧନାର ମାର୍ଗ ଅଲଗା ହେଲେ ମଧ୍ୟ ଲକ୍ଷ୍ୟ ଦୁଃଖରୁ ମୁକ୍ତି । ବୁଦ୍ଧଗୟାରେ ଥିବା ମହାବୋଧି ମନ୍ଦିର ଏବଂ ବୋଧି ବୃକ୍ଷ ହେଉଛି ବୌଦ୍ଧମାନଙ୍କର ଅତି ପବିତ୍ର ତୀର୍ଥସ୍ଥଳୀ । କାରଣ ଏହି ସ୍ଥାନରେ ଗୌତମବୁଦ୍ଧ ଜ୍ଞାନ ଲାଭ କରିଥିଲେ ।

ବୁଦ୍ଧ ଏକ ସଂସ୍କୃତ ଶବ୍ଦ ଯାହାର ଅର୍ଥ 'ଜାଗ୍ରତ ବ୍ୟକ୍ତି' । ଏହା ବ୍ୟକ୍ତିଗତ ନାମ ନୁହେଁ ବରଂ ଅଜ୍ଞାନର ନିଦ୍ରାରୁ ଜାଗ୍ରତ ହୋଇ ସମ୍ପୂର୍ଣ୍ଣ ଜ୍ଞାନପ୍ରାପ୍ତ କରି ଜନ୍ମ-ମୃତ୍ୟୁର ଚକ୍ରକୁ ଅତିକ୍ରମ କରିଥିବା ବ୍ୟକ୍ତିଙ୍କୁ ସୂଚିତ କରେ ।

ଉପସଂହାରରେ ଏତିକି କହିହେବ ଯେ ବୌଦ୍ଧଧର୍ମ ଶିକ୍ଷା କୁହେ ଅଜ୍ଞାନ, ଲୋଭ ଏବଂ ଦ୍ୱେଷ ହିଁ ଦୁଃଖର ମୂଳ କାରଣ, ଯାହାକୁ ପ୍ରକୃତ ଜ୍ଞାନ, ନୈତିକ ଆଚରଣ ଏବଂ ମନର ଶୃଙ୍ଖଳା ମାଧ୍ୟମରେ ନିବାରଣ କରି ହେବ । ଏହି ଧର୍ମରେ ଦାନ ଏବଂ ଶୀଳ, ତା'ପରେ ଧ୍ୟାନ, ଶେଷରେ ପ୍ରଜ୍ଞାକୁ କ୍ରମିକ ଭାବରେ ଶିକ୍ଷା ଦିଆଯିବା ସହିତ ଆଚରଣ ଓ ଅନୁଭବଦ୍ୱାରା ଶିକ୍ଷାଗ୍ରହଣ କରିବାକୁ ବିଶେଷ ଗୁରୁତ୍ୱ ଦିଆଯାଏ । ଚାରି ଆର୍ଯ୍ୟ ସତ୍ୟ, ଅଷ୍ଟାଙ୍ଗ ମାର୍ଗ, କର୍ମ ଓ ପୁନର୍ଜନ୍ମ, ପଞ୍ଚଶୀଳ, ଧ୍ୟାନ ଏବଂ ସ୍ମୃତି ଇତ୍ୟାଦିକୁ ବୌଦ୍ଧଧର୍ମରେ ପ୍ରାଧାନ୍ୟ ଦିଆଯାଉଥିବାରୁ ସତ୍ୟ, ଦାନ, ତ୍ୟାଗ, ଅହିଂସା ତଥା ସାର୍ବଜନୀନତା ବୌଦ୍ଧଧର୍ମ ଶିକ୍ଷାର ଆତ୍ମା ।❖❖❖

# ଜୈନଧର୍ମରେ ମୋକ୍ଷ

**ବନିତା ମହାନ୍ତି**

ଜୀବାତ୍ମାର ପ୍ରକାଶ, ବିକାଶ ଓ ଅନନ୍ତ ଯାତ୍ରା ସମ୍ପର୍କରେ ଜ୍ଞାନର ଗବେଷଣା ଅସୀମ । ସମସ୍ତ ଧର୍ମର ଆଧ୍ୟାତ୍ମିକ ନିର୍ଯ୍ୟାସ ପ୍ରାୟ ସମାନ । ଧର୍ମଯାଜକମାନଙ୍କର ବ୍ୟକ୍ତିତ୍ୱ ଓ ଦୃଷ୍ଟିକୋଣ ଅନୁଯାୟୀ ଧାରଣାକୁ ରୂପାୟିତ କରିବାରେ କିଛି କିଛି ପାର୍ଥକ୍ୟ ରହିଛି; କିନ୍ତୁ ଏସବୁର ମୂଳତତ୍ତ୍ୱ ସମାନ । ସତ୍ୟ, ଅହିଂସା, ପବିତ୍ରତା, ସେବା, ପ୍ରେମ, ଆନନ୍ଦ, ସନ୍ତୁଷ୍ଟତା ପ୍ରଭୃତି ଆଧ୍ୟାତ୍ମର ମୌଳିକ ତତ୍ତ୍ୱ । ଏସବୁ ଯେତେବେଳେ ସୂକ୍ଷ୍ମାତିସୂକ୍ଷ୍ମରୁ ସୂକ୍ଷ୍ମତମ ସ୍ତର ଅତିକ୍ରମ କରିଯାଏ, ଅସୀମତା ସହିତ ଏକାକାର ହୋଇଯାଏ ହୁଏତ ତାକୁ ମୋକ୍ଷ ବା ମୁକ୍ତି କୁହାଯାଇପାରେ ।

ପାର୍ଥିବରୁ ଅପାର୍ଥିବ ଯାତ୍ରାପଥରେ ଚୈତନ୍ୟସତ୍ତା ମୁକ୍ତିର ସ୍ୱାଦ ଅନୁଭବ କରି ଅଗ୍ରସର ହେଉଥାଏ । ଦିବ୍ୟ ଚେତନା ବସ୍ତୁସତ୍ତା ମଧ୍ୟରୁ ଧୀରେ ଧୀରେ ମୁକ୍ତି ମାର୍ଗରେ ଗତି କରୁଥାଏ । ଏହି ଦିବ୍ୟ-ଚୈତନ୍ୟସତ୍ତା କେବେ କିପରି ଭାବରେ ସୂକ୍ଷ୍ମତମରୁ ପ୍ରକୃତିର ଅଗଣିତ ସ୍ଥୂଳ ରୂପରେ ରୂପାୟିତ ହେଲା, ତାହା ତାକୁ ଅଜ୍ଞାତ । ସେ କେବଳ ନିଜକୁ ମୁକ୍ତ କରିବାର ପ୍ରକ୍ରିୟାରେ ଆଗ୍ରହୀ । ଜ୍ଞାତରେ ଅଜ୍ଞାତରେ, ଜ୍ଞାନରେ ଅଜ୍ଞାନରେ, ବୁଦ୍ଧିଯୁକ୍ତ ଭାବରେ ନିର୍ବୋଧ ଭାବରେ ନିଜର ଉଦ୍ଦେଶ୍ୟ ପଥରେ ଗତିଶୀଳ । ନିମ୍ନତମ ସ୍ଥିତିରେ ସେ ଖୁବ୍ ନିରୀହ, ସହାୟତାକର୍ମୀ । ଠିକ୍ ଏକ ନବଜାତ ଶିଶୁପରି ପ୍ରକୃତି ମା'ଙ୍କର ଲାଳନପାଳନରେ ସେ ହୋଇଯାଏ କାର୍ଯ୍ୟକ୍ଷମ ଓ ଦୀର୍ଘ ମୋକ୍ଷାଯାତ୍ରାର ସକ୍ଷମ ଯାତ୍ରୀ ।

ଏହି ଚୈତନ୍ୟସତ୍ତା ମଣିଷ ସ୍ତରରେ ଉପନୀତ ହୋଇଯିବା ପରେ ତା'ର ଯାତ୍ରା ହୁଏ ତୀବ୍ରରୁ ତୀବ୍ରତର । ଏବେ ସେ ପ୍ରାୟ ଆତ୍ମନିର୍ଭରଶୀଳ ବିକଶିତ ବୁଦ୍ଧି ଓ ବିଚାରଦ୍ୱାରା ପରିଚାଳିତ । ପତନରେ ହାରିଯିବାର ନାହିଁ, ଉତ୍‌ଥିତ ସ୍ଥିତିରେ

ଅଟକି ଯିବାର ନାହିଁ । ଦିବ୍ୟ ଚୁମ୍ବକୀୟ ଆକର୍ଷଣରେ ସେ ଆକର୍ଷିତ । ମାନବ ଜାତିର ମୂଳଧର୍ମ ସନାତନ ଧର୍ମ । ଏହା ବହୁ ଶାଖାପ୍ରଶାଖାରେ ବିଭକ୍ତ ହୋଇ ବିଭିନ୍ନ ଧର୍ମର ନାମ ଗ୍ରହଣ କରିଛି । ବୀଜରୂପ (ସନାତନ ଧର୍ମ)ରୁ ରୂପାୟିତ ହୋଇଥିବାରୁ ବାହ୍ୟରୂପ ଭିନ୍ନ ହେଲେ ବି ଅନ୍ତଃସ୍ରୋତ ଏକ ।

ଏବେ ଆଲୋଚନାକୁ ଆସୁଛି ଜୈନଧର୍ମ ଅନୁଯାୟୀ ମୋକ୍ଷ ବା ମୁକ୍ତି । ଜୈନଧର୍ମ ଅନୁଯାୟୀ ଆଧ୍ୟାତ୍ମଯାତ୍ରାର ଚରମ ଲକ୍ଷ୍ୟ ଜନ୍ମ-ମୃତ୍ୟୁର ବନ୍ଧନରୁ ମୁକ୍ତ ହେବା । ଯେତେବେଳେ ଏହି ଚୈତନ୍ୟସତ୍ତା ତଥାକଥିତ ନିର୍ଜୀବ ସ୍ଥିତିରୁ ସଜୀବରେ ପହଞ୍ଚିଲା ଓ ଲକ୍ଷ୍ୟପଥରେ ଅଗ୍ରସର ହେବାକୁ ଲାଗିଲା ସେତେବେଳେ ତା'ର ଶିଶୁସୁଲଭ ଆନନ୍ଦ ଅତି ସୁନ୍ଦର । ଆମେ ଟିକିଏ ଆତ୍ମବିଶ୍ଳେଷଣ କଲେ ଜାଣିପାରିବା ଯେ ଏଇ ଜନ୍ମରେ ଆମ ସମସ୍ତଙ୍କ ଭିତରେ ସେ ଅନୁଭବ ଅଛି । କାମ, କ୍ରୋଧ, ଲୋଭ, ମୋହ, ଅହଂକାର ପ୍ରଭୃତି ବିକାରର ଅନ୍ଧକାର ଭିତରେ କିଛି ଜ୍ଞାନାଲୋକରେ ଆମେ ନିଜ ଭିତରେ ଯେତେବେଳେ ସମ୍ୟକ୍ ମୁକ୍ତିର ଅନୁଭବ କରିଚେ ସେତେବେଳେ କେତେ ସନ୍ତୋଷଦାୟକ, ଆନନ୍ଦଦାୟକ, କେତେ ଶକ୍ତି ପ୍ରଦାୟକ ସେ ସ୍ଥିତି । ଏଇ ଶିଶୁ ମୁକ୍ତି ଶକ୍ତି ସଂଗ୍ରହ କରି ପୂର୍ଣ୍ଣତା ଦିଗରେ ଏକ ଲକ୍ଷ୍ୟରେ ଅଗ୍ରସର ହୋଇ ଚାଲିଛି । ବିକାରରୁ ମୁକ୍ତି, କର୍ମବନ୍ଧନରୁ ମୁକ୍ତି, ଏକାତ୍ମ ଭାବର ଅନୁଭବ, ସମ୍ପୂର୍ଣ୍ଣ ନିଷ୍କାମ, ଦିବ୍ୟାନନ୍ଦ, ପରମାନନ୍ଦ, ବ୍ରହ୍ମାନନ୍ଦରେ ବିଭୋର ମୁକ୍ତାତ୍ମା । ଜନ୍ମ-ମରଣର ବାଧ୍ୟତାମୂଳକ ସ୍ଥିତିରୁ ମୁକ୍ତ ଏ ଏକ ସ୍ତର । ବିଶ୍ୱ ନିୟମର ଏକ ଅଂଶ । ସୃଷ୍ଟି ପରିଚାଳନାର ଏକ ବିଭାଗ ।

ଜୀବନ୍ମୁକ୍ତ ସ୍ଥିତି ଆମ ସନାତନ ଧର୍ମର ଅନ୍ୟ ଏକ ସୁନ୍ଦର ଧାରଣା । କର୍ମେନ୍ଦ୍ରିୟମାନେ କର୍ମରେ ଲିପ୍ତ ଥିବେ; କିନ୍ତୁ ଚୈତନ୍ୟସତ୍ତା ପରମସତ୍ତା ସହ ଏକାଗ୍ର ରହିଥିବ । ଇନ୍ଦ୍ରିୟାଧୀନ ସୁଖ ସହଜବୋଧ୍ୟ; କିନ୍ତୁ ଇନ୍ଦ୍ରିୟାତୀତ ସୁଖ କିପରି ? ପ୍ରକୃତ ଆନନ୍ଦର ପରିଭାଷା କ'ଣ ? ଉତ୍ତର ଆସେ– ଇନ୍ଦ୍ରିୟଜନିତ ସୁଖ ଆରମ୍ଭରେ ଅନୁକୂଳ ମନେହୁଏ; କିନ୍ତୁ ପରିଣତିରେ ପ୍ରତିକୂଳ । ଇନ୍ଦ୍ରିୟଭୋଗରେ ଯେଉଁ ସୁଖ ଅନୁଭୂତ ହୁଏ ତାହା କେବଳ କାମନା ବା ମନୋଗତ ଯନ୍ତ୍ରଣାକୁ ସାମୟିକ ପ୍ରଶମିତ କରିବା ପାଇଁ । ତାହା କ୍ଷଣସ୍ଥାୟୀ । ପୁଣି ଏକ ଭିନ୍ନ

ରୂପରେ କଷ୍ଟ ପ୍ରତ୍ୟାବର୍ତ୍ତନ କରିଥାଏ । ଇନ୍ଦ୍ରିୟଜନିତ ସୁଖ ଏକ ନକାରାତ୍ମକ ସ୍ଥିତି । କିଛି ପାର୍ଥିବ ପ୍ରାପ୍ତିର ସାମୟିକ ଉପସ୍ଥିତି । ଇନ୍ଦ୍ରିୟାତୀତ ସୁଖ ଅବର୍ଣ୍ଣନୀୟ । ଏହା କେବଳ ଅନୁଭବର କଥା । ମୁକ୍ତ ଆତ୍ମା ଅଜ୍ଞାନତା ରୂପକ ବ୍ୟାଧିରୁ ସମ୍ପୂର୍ଣ୍ଣ ମୁକ୍ତ । ସେ ସମ୍ପୂର୍ଣ୍ଣ ସୁସ୍ଥ ଓ ଶକ୍ତିସମ୍ପନ୍ନ । ଆଧ୍ୟାତ୍ମ ଜ୍ଞାନ ଅନୁଯାୟୀ ସୁଖ-ଦୁଃଖର ପରିଭାଷା ସବୁବେଳେ ଆପେକ୍ଷିକ । ଏହାର ଅନୁଭବ ବ୍ୟକ୍ତିର ପ୍ରଜ୍ଞା ଉପରେ ନିର୍ଭର କରିଥାଏ ।

ଜୈନଧର୍ମ ଅନୁଯାୟୀ ମୋକ୍ଷ କେବଳ ମଣିଷ ଶରୀର ମାଧ୍ୟମରେ ହିଁ ପ୍ରାପ୍ତ ହୋଇପାରେ । ଦେବଦେବୀଙ୍କ ପାଇଁ ମୋକ୍ଷ ବା ସର୍ବୋଚ୍ଚ ସ୍ଥିତି ପ୍ରାପ୍ତିର ମାର୍ଗ ଭିନ୍ନ ଧରଣର । ମଣିଷ ତା'ର ଲକ୍ଷ୍ୟପ୍ରାପ୍ତିରେ ସ୍ଥିର ରହିବା ଉଚିତ । ମୋକ୍ଷ ଚିରଶାଶ୍ୱତ । ସମସ୍ତ ପ୍ରକାର କର୍ମବନ୍ଧନରୁ ସମ୍ପୂର୍ଣ୍ଣ ମୁକ୍ତି ।

କୌଣସି ବୀଜ ଯଦି ଦଗ୍ଧ ହୋଇଯାଇଥାଏ ତେବେ ତା'ର ଆଉ ଅଙ୍କୁରୋଦ୍‌ଗମ ହେବାର ସମ୍ଭାବନା ନ ଥାଏ । ସେହିପରି ଯେତେବେଳେ କର୍ମର ବୀଜ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥାଏ ସେତେବେଳେ ଜନ୍ମରୂପୀ ଅଙ୍କୁରୋଦ୍‌ଗମ ଆଉ ସମ୍ଭବ ନୁହେଁ । ସେ କାରଣ ଓ ପରିଣାମ ସ୍ତର ଅତିକ୍ରମ କରି ଉର୍ଦ୍ଧ୍ୱତର ସ୍ତରକୁ ଚାଲିଯାଇଥାଏ । ଅନ୍ତରରେ ବୈରାଗ୍ୟ ହେତୁ ପଦ୍ମପତ୍ରରେ ଜଳପରି ସଂସାରରେ ଜୀବନ୍ମୁକ୍ତ ଜୀବାତ୍ମାର ସ୍ଥିତି ।

ସନାତନ ଧର୍ମର ମୂଳତତ୍ତ୍ୱ ସମସ୍ତ ପରବର୍ତ୍ତୀ ଧର୍ମଧାରାରେ ପ୍ରତିଫଳିତ । ଦିବ୍ୟଜ୍ଞାନର ଅଗ୍ନିରେ ଦଗ୍ଧ ହେଲେ ଅତୀତ କର୍ମର ବୀଜ ଅଙ୍କୁରିତ ହୋଇପାରିବ ନାହିଁ । ଜୈନଧର୍ମରେ ମୋକ୍ଷ ସେହି ଧାରଣା ଉପରେ ଆଧାରିତ । ପ୍ରକୃତିର କାରଣ ପରିଣାମର ନିୟମ ଅନୁଯାୟୀ ଆତ୍ମା ରୂପୀ ଆଧ୍ୟାତ୍ମସତ୍ତା କର୍ମ ବନ୍ଧନରେ ଆବଦ୍ଧ ହୋଇଯାଇଥାଏ । ଜନ୍ମ ମରଣର ଚକ୍ରରେ ଏହି କାରଣ ଓ ପରିଣାମ କର୍ମ ରୂପରେ ତା'ର ଦିବ୍ୟତାକୁ ଆବୃତ କରିଦେଇଥାଏ । କର୍ମବନ୍ଧନରୁ ମୁକ୍ତି ସେହ ଆବୃତ ସ୍ତରକୁ ଅନାବୃତ କରିବାର ପ୍ରକ୍ରିୟା । ଏହି ପ୍ରକ୍ରିୟାରେ ନିଜର ମୂଳସତ୍ତାକୁ କର୍ମବନ୍ଧନରୁ ସମ୍ପୂର୍ଣ୍ଣ ପୃଥକୀକରଣ କରିବା ଆତ୍ମାର ସ୍ୱଭାବ ବା ପ୍ରକୃତି । ଏହିପରି ଉର୍ଦ୍ଧ୍ୱଗତି ବା ସୂକ୍ଷ୍ମଗତିରେ ଆତ୍ମା ବ୍ରହ୍ମାଣ୍ଡର ଏକ ନିର୍ଦ୍ଧାରିତ

ସ୍ତରରେ ଉପନୀତ ହୁଏ ଓ ଶାନ୍ତିରେ ବିଶ୍ରାମ କରେ । ଆତ୍ମା ଉଚ୍ଚତମ ସୀମା ଅତିକ୍ରମ କରି ଅଧିକ ଉର୍ଦ୍ଧ୍ୱଗତି କରିପାରିବ ନାହିଁ । କାରଣ ଅଧିକ ଉର୍ଦ୍ଧ୍ୱଗତିର କୌଣସି ସହଯୋଗୀ ବା ମାଧ୍ୟମ କାରଣ ଭାବରେ ନ ଥାଏ । ସେ ସମ୍ପୂର୍ଣ୍ଣ କର୍ମମୁକ୍ତ ହୋଇଥିବାରୁ ନିମ୍ନଗତିରେ ମଧ୍ୟ ଆସିପାରିବ ନାହିଁ । ସେ ପାର୍ଶ୍ୱଗତି ମଧ୍ୟ କରିପାରିବ ନାହିଁ । କାରଣ କର୍ମ ସମ୍ପୂର୍ଣ୍ଣ ଅନଧିକୃତ ଯେ କି କୌଣସି ଉତ୍ତେଜନା ବା ବଳବତୀ ଇଚ୍ଛା ସୃଷ୍ଟି କରିପାରିଥାନ୍ତା । ମୋକ୍ଷ ସ୍ଥିତିରେ ଆତ୍ମା ସମ୍ପୂର୍ଣ୍ଣ କର୍ମମୁକ୍ତ । ସ୍ଥୂଳ ଶରୀର ସହିତ ସମସ୍ତ ସୂକ୍ଷ୍ମ ଶରୀରରୁ ସେ ମୁକ୍ତ ହୋଇସାରିଛି । ସେ ପୂର୍ଣ୍ଣାନନ୍ଦରେ ସ୍ଥିତ । ନିସର୍ତ୍ତ ଭାବରେ ସେ ଆନନ୍ଦାଭିଭୂତ । ସେ ଅସୀମ ଅନନ୍ତ ଚିରଶାଶ୍ୱତ ସ୍ଥିତିରେ ସ୍ଥିତ । ତା'ର ସ୍ଥିତି ଅବର୍ଣ୍ଣନୀୟ ।

ଜୈନଧର୍ମର ବିଚାରରେ ଆନନ୍ଦର ବ୍ୟାଖ୍ୟା ଉପରେ ଏକ ସନ୍ଦେହ ବା ଦ୍ୱନ୍ଦ୍ୱ ସୃଷ୍ଟି ହୁଏ । ଏହା ଏହିପରି ଯେ କର୍ମବନ୍ଧନ ନିଜେ ଏକ ସ୍ୱତନ୍ତ୍ର ବ୍ୟାପ୍ତ ବିଷୟ । ମୋକ୍ଷର ପରିଭାଷା ସାମାନ୍ୟ ଭିନ୍ନତା ସହିତ ପ୍ରାୟ ସବୁଧର୍ମରେ ସମାନ । ଦିବ୍ୟଜ୍ଞାନ ସଂଗ୍ରହ କରାଯାଏ ନାହିଁ । ତାହା ଚିରନ୍ତନ । ଯେପରି ସୂର୍ଯ୍ୟକିରଣକୁ ଢାଙ୍କି ରଖିଥିବା ବାଦଲ ଦଗ୍ଧୀଭୂତ ହୋଇଗଲେ ଉଜ୍ଜ୍ୱଳ ସୂର୍ଯ୍ୟରଶ୍ମି ସ୍ୱତଃ ପ୍ରକାଶିତ ହୁଏ । ସେହିପରି ସଂଗୃହୀତ କର୍ମ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଗଲେ ଦିବ୍ୟଜ୍ଞାନର ପ୍ରକାଶ ସ୍ୱତଃ ପ୍ରତିଭାତ ହୁଏ ।

ଜୈନନୀତିଶାସ୍ତ୍ର ଅନୁଯାୟୀ ମୋକ୍ଷଯାତ୍ରାରେ ତିନିରତ୍ନର ଉଲ୍ଲେଖ କରାଯାଇଛି । ସେଗୁଡ଼ିକ ହେଲା– ଉଚିତ ଜ୍ଞାନ, ଆସ୍ଥା ବା ବିଶ୍ୱାସ, ଆଧ୍ୟାତ୍ମ ସାଧନାର ନିରନ୍ତର ଅଭ୍ୟାସ । ଏ ଭିତରୁ କୌଣସି ଗୋଟିଏର ଅନୁପସ୍ଥିତିରେ ଯାତ୍ରୀର ଯାତ୍ରା ସଫଳତାର ସହିତ ଅଗ୍ରଗତି କରିପାରିବ ନାହିଁ ।

ଜୈନମତ ଶିକ୍ଷା ଦିଏ ଯେ ମୋକ୍ଷଯାତ୍ରାର ମୌଳିକ ଆଶ୍ରା ଅହିଂସା ଓ ଯେତେଦୂର ସମ୍ଭବ ଜୀବିତ ସତ୍ତାକୁ କଷ୍ଟ ନ ଦେବା । ଜୈନବାଦରେ ଯେଉଁ କେତୋଟି ନିୟମକୁ ବିଶେଷ ଗୁରୁତ୍ୱ ଦିଆଯାଉଥାଏ ସେଗୁଡ଼ିକ ହେଲା ଅହିଂସା, ନିର୍ମୋହ ବା ଅପରିଗ୍ରହ, ସତ୍ୟବାଦିତା, କୌଣସି ଚୌର୍ଯ୍ୟବୃତ୍ତିରୁ ମୁକ୍ତ ରହିବା ଓ ବ୍ରହ୍ମଚର୍ଯ୍ୟ । ମୋକ୍ଷ ଜୈନଧର୍ମ ଧାରଣାର ଅନ୍ତିମ ଲକ୍ଷ୍ୟ । ❖❖❖

# ସାଧନା

**କସ୍ତୁରୀ ମହାନ୍ତି**

ଶ୍ରୀଗୁରୁଚରଣେ ପୁସ୍ତକ ସମସ୍ତଙ୍କ ପାଇଁ ଏକ ଉପାଦେୟ ପୁସ୍ତକ । ଆଲସିଓନଙ୍କ ଦ୍ୱାରା କାମନା ଶରୀର ମାଧ୍ୟମରେ ପ୍ରଦତ୍ତ ଗୁରୁଙ୍କ ବାଣୀଗୁଡ଼ିକର ଗୂଢ଼ଜ୍ଞାନ ଉପଲବ୍ଧି ଯୋଗ୍ୟ, ହୃଦୟସ୍ପର୍ଶୀ । ଏସବୁ ଧୀର ମସ୍ତିଷ୍କଦ୍ୱାରା ବୁଝିବା ଅତି ସହଜ । ପଶୁଜଗତରୁ ଆସି ମନୁଷ୍ୟଜଗତରେ ଅନେକ ଜନ୍ମ ବିତାଇଲା ପରେ ମଧ୍ୟ ମନୁଷ୍ୟର ତମଗୁଣମାନ ବସାବାନ୍ଧି ରହିଛି । ଯାବତୀୟ ହିଂସା, କପଟ, ସ୍ୱାର୍ଥପରତା, କାମ, କ୍ରୋଧ, ଲୋଭ, ବିରକ୍ତିର ଭାବନା, ମୋହ ଇତ୍ୟାଦିରୁ ମୁକ୍ତ ହୋଇପାରି ନାହିଁ । ମୌଳିକ ପ୍ରକୃତି ଅନୁଯାୟୀ ଏକ ଆତ୍ମା ପ୍ରତ୍ୟେକଙ୍କ ହୃଦୟରେ ବିରାଜିତ । କ୍ରମବିକାଶ ଯୋଜନାନୁସାରେ  ପରମାତ୍ମାଙ୍କ ସହ ମିଳିତ ହେବା ଆମର ମୂଳଲକ୍ଷ୍ୟ । ମନ ତ ଅଶାନ୍ତ, ଏକାଗ୍ରତା ନାହିଁ, ଦୁଃଖରେ ମ୍ରିୟମାଣ । ତେଣୁ ପ୍ରଗତି କରିବା ବହୁ କଷ୍ଟ । ଏହା ଫଳରେ ଶରୀରର ସ୍ନାୟୁଗୁଡ଼ିକ ମଧ୍ୟ ଦୁର୍ବଳ ଓ ଅସ୍ଥିର । ଏପରିସ୍ଥଳେ ଉପାୟ କ'ଣ ? ବହିଟି ଆରମ୍ଭ ହୋଇଛି ବିବେକ ଅଧ୍ୟାୟରୁ । ଏହି ଅଧ୍ୟାୟ ଶିକ୍ଷା ଦିଏ ନିଜର ବୁଦ୍ଧି ବଳରେ କିପରି ଲଢ଼ିବାକୁ ହେବ ଯାବତୀୟ ମନ୍ଦ ସ୍ୱଭାବ ବିରୁଦ୍ଧରେ । ସତ-ମିଛ, ଠିକ୍-ଭୁଲ୍, ଉଚିତ୍-ଅନୁଚିତ୍, କ'ଣ କରିବା ନ କରିବା ଇତ୍ୟାଦିକୁ ପର୍ଯ୍ୟାଲୋଚନା କରି ଆଗକୁ ବଢ଼ିବା । କ'ଣ ରଖିବା ଓ କ'ଣ ଛାଡ଼ିବା ନିଜ ଭିତରେ କ'ଣ ଖୋଜି ପାଇବା । ଅଭ୍ୟାସ ଓ ବୈରାଗ୍ୟଦ୍ୱାରା ଏହା ସମ୍ଭବ ହୋଇପାରେ ବୋଲି ଭଗବାନ୍ ଗୀତାରେ ଜଣାଇଛନ୍ତି, ଯଦ୍ଦ୍ୱାରା ସ୍ଥିରତା, ଧୈର୍ଯ୍ୟ, ସାହସିକତା, ସହିଷ୍ଣୁତା, ନିର୍ଭୀକତା ଆଦି ସଦ୍‌ଗୁଣମାନ ପ୍ରକାଶିତ ହୋଇପାରିବ । ଏହିପରି ସଦ୍‌ଗୁଣ ଭାବନାରେ ନିଜକୁ

ଗଢ଼ିପାରିଲେ ମନରେ ଆନନ୍ଦ ସହିତ ପରିବେଶ ମଧ୍ୟ ବଦଳିଯାଇପାରିବ । ହତାଶା, ବିଷାଦ, ଆଳସ୍ୟ ଇତ୍ୟାଦି ଲକ୍ଷଣ ଧୀରେ ଧୀରେ ଚାଲିଯିବ ।

ଶରୀରର ଯତ୍ନ ସହିତ ମନର ଯତ୍ନ ବିଶେଷ ଆବଶ୍ୟକ । ମନ ନିୟନ୍ତ୍ରଣରେ କର୍ମଗୁଡ଼ିକ ନିୟନ୍ତ୍ରିତ ହୋଇଯାଏ । ମନ୍ଦଗୁଣ ମଧ୍ୟରେ ଅଳସୁଆମି ପଛକୁ ଟାଣିଥାଏ । ତେଣୁ ତା'ଠାରୁ ପ୍ରଥମେ ନିଜକୁ ମୁକ୍ତ କରିବା ଜରୁରୀ । ମନ ନିୟନ୍ତ୍ରଣରେ ରହିବା ପାଇଁ ପ୍ରତିଦିନ ମନ ଉପରେ ଧ୍ୟାନ ରଖିବା । ଏକ ସୁସ୍ଥ ଜୀବନ ପାଇଁ ମନ ସଂଯତ ହେବା ନିହାତି ଆବଶ୍ୟକ । ପ୍ରତି ମୁହୂର୍ତ୍ତରେ ଅସଂଖ୍ୟ ଭାବନା ଗୋଟିକ ପରେ ଗୋଟିଏ ଅନବରତ ଲାଗି ରହିଥାଏ, ମସ୍ତିଷ୍କ ଭାରାକ୍ରାନ୍ତ ହୁଏ । ସେଥିପାଇଁ ସବୁଠାରୁ ଭଲ ଉପାୟ ହେଲା ମନକୁ ଈଶ୍ୱରଙ୍କ କାର୍ଯ୍ୟରେ ଲଗାଇବା, ଗୁରୁଙ୍କ ଉପଦେଶ ପଢ଼ିବା, ଶୁଣିବା, ମନନ, ଚିନ୍ତନ କରିବା ଓ କାର୍ଯ୍ୟରେ ଲଗାଇବା । ଆନି ବେସାନ୍ତ୍ ସବୁବେଳେ ଗୁରୁଙ୍କ ଚିନ୍ତାସବୁ ମନରେ ରଖୁଥିଲେ । ସେ ତ ସାଧିକା, ଗୁରୁଙ୍କ ଚିନ୍ତା ତାଙ୍କ ମନରେ ସର୍ବଦା ଥାଏ । କିନ୍ତୁ ଆମକୁ ନିଜେ ସଜାଡ଼ିବାକୁ ପଡ଼ିବ । ଲେଡ୍ ବିଟର ମଧ୍ୟ କହିଥିଲେ ଯେ ମନର ପୃଷ୍ଠଭୂମିରେ ଗୁରୁଦେବଙ୍କ ଚିନ୍ତାଗୁଡ଼ିକ ସର୍ବଦା ରହିବା ଆବଶ୍ୟକ। ଯଦ୍ଦ୍ୱାରା ଅନ୍ୟ କାମ ନ ଥିବା ସମୟେ ସେହି ଚିନ୍ତାସବୁ ମନକୁ ଛୁଇଁପାରିବ । ପ୍ରକୃତରେ ଗୁରୁଙ୍କ ଚିନ୍ତା, ବାଣୀ, ଉପଦେଶ ମନରେ ଯଦି ବସା ବାନ୍ଧେ ତେବେ ମନ ନିଶ୍ଚୟ ଶାନ୍ତ, ସ୍ଥିର ହୋଇ ଦୃଢ଼ରୁ ଦୃଢ଼ତର ହେବ । ଅନେକ ଲୋକ ଈଶ୍ୱରଙ୍କ ନାମ ଉଚ୍ଚାରଣ କରିଥାନ୍ତି । ବିଭିନ୍ନ ଧର୍ମ ଅନୁଯାୟୀ ନିଜ ନିଜର ଇଷ୍ଟଙ୍କୁ ସ୍ମରଣ କରିଥାନ୍ତି । ଈଶ୍ୱରଙ୍କ ନାମ ଜପ କରିବା ଖୁବ୍ ଭଲ କଥା ।  ଅନବରତ ନାମ ଉଚ୍ଚାରଣ ମାନସ ଶରୀରରେ ସ୍ପନ୍ଦନ ସୃଷ୍ଟି କରି ମନରେ ଭକ୍ତିଭାବ ଜାଗ୍ରତ କରିଥାଏ । ଦେଖାଯାଏ ଏହାର ପ୍ରଭାବରେ କୌଣସି ମନ୍ଦ ଚିନ୍ତା ମନକୁ  ପ୍ରଭାବିତ କରିପାରି ନଥାଏ । ମନ ଉଚ୍ଚସ୍ତରରେ ରହି ନିମ୍ନ ମାନସକୁ ଶୃଙ୍ଖଳିତ କରିନିଏ । ଏଥିପ୍ରତି ଧ୍ୟାନ ଦେବା ନିଜର କର୍ତ୍ତବ୍ୟ । କାରଣ ମନ୍ଦ ଚିନ୍ତା ମଧ୍ୟ ମନୁଷ୍ୟର ଅନେକ କ୍ଷତି କରିଥାଏ । ଏହାର ପ୍ରବଳ ଶକ୍ତି ରହିଛି । ଏହା ସର୍ବଦା ମସ୍ତିଷ୍କର ଚାରିପଟେ ବୁଲୁଥାଏ । ସୁବିଧା ମିଳିଲେ ଏକା ସମୟରେ ଅନେକଙ୍କର କ୍ଷତି

କରିପକାଏ । ଭଲ ଚିନ୍ତା ଅନେକଙ୍କୁ ବିପଦରୁ ମଧ୍ୟ ରକ୍ଷା କରିଥାଏ । କ୍ରମବିକାଶ ଦିଗରେ ପ୍ରତ୍ୟେକଙ୍କୁ ନିଜ ଉପରେ ଧ୍ୟାନ ଦେବା ଉଚିତ୍ । ନିଜେ ନିଜକୁ ଗଢ଼ିବା ସହିତ ଅନ୍ୟମାନଙ୍କୁ ସାହାଯ୍ୟ, ସହଯୋଗ, ସେବା କରିପାରିବା । ଲେଡ୍ ବିଟର କହିଛନ୍ତି– ଆମେ ଏପରି ଶିକ୍ଷା ପାଇଛୁ ଯେ ନିଜେ ଭଲ ହେବା, ଆଧ୍ୟାତ୍ମିକ ଭାବରେ ରହି ମନ୍ଦ କର୍ମରୁ ନିବୃତ୍ତ ହୋଇ ପରୋପକାର କରିବାକୁ ପଶ୍ଚାତ୍‌ପଦ ହେବାନାହିଁ ।

ମାନବ ସେବା ହିଁ ମାଧବ ସେବା ଓ ପରମ ଧର୍ମ ଅଟେ । ଏ ଶରୀର ଆମ ନିଜର ନୁହେଁ । ଅନ୍ୟମାନଙ୍କ କାର୍ଯ୍ୟରେ ଲଗାଇବାକୁ ମିଳିଛି । ତେଣୁ କର୍ମ ଅବଶ୍ୟ କରିବାକୁ ବାଧ୍ୟ । କର୍ମ କରିବା ଦ୍ୱାରା ଠିକ୍ ଭୁଲ୍ ଜଣାପଡ଼ିଥାଏ । ତେଣୁ ନିଷ୍କର୍ମା ହୋଇ ନ ବସିବାକୁ ଭଗବାନ୍ ଗୀତା ମାଧ୍ୟମରେ ଜଣାଇଛନ୍ତି । ମନୁଷ୍ୟ ମାତ୍ରେ ହିଁ ଭୁଲ୍ କରିଥାଏ । ଭୁଲ୍ ହେଲେ ପ୍ରକୃତ ଠିକ୍ କ'ଣ ଜଣାପଡ଼େ । ତେଣୁ ପରେ ନିଜକୁ ସଜାଡ଼ି ନେବାକୁ ହୋଇଥାଏ । କିନ୍ତୁ ଜାଣିଶୁଣି ଭୁଲ୍ କରିବା ଅପରାଧ । ତାହାର ଦଣ୍ଡ ଭୟଙ୍କର । ଯଦି ଆମେ ମାୟା କବଳିତ ହେବା ତେବେ ଆମ ଭିତରେ ଥିବା ଶ୍ରଦ୍ଧା, ପ୍ରେମ, ଦୟା, କ୍ଷମା, କରୁଣା, ଆଗ୍ରହ, ଉଦ୍ଦୀପନା ଶିଥିଳ ହୋଇଯିବ । ଏସବୁ ଜାଗ୍ରତ ହେଉ ଓ ଆମେ ଏକ ଦିବ୍ୟଶକ୍ତିର ମାଧ୍ୟମ ହୋଇ ନିଜେ ଅନ୍ୟମାନଙ୍କ ସେବାରେ ନିଜକୁ ସମର୍ପି ଦେବା ଓ ଏକତା ସୂତ୍ରରେ ବାନ୍ଧି ରଖିବା । ପ୍ରକୃତରେ ଯଦି ଆମେ ଚାହୁଁ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ, ତା'ହେଲେ ପ୍ରତିଦିନ ଦୁଃଖକଷ୍ଟ ବିପଦରେ ପଡ଼ିଥିବା ମଣିଷଙ୍କୁ ସାହାଯ୍ୟ କରିବା ଏବଂ ଶୁଭଚିନ୍ତାଶକ୍ତି ପ୍ରେରଣ କରିପାରିବା, ଯେପରିକି ସେମାନଙ୍କର ମଙ୍ଗଳ ହେବ । ଜଣାଯାଇଛି ଚିନ୍ତାଶକ୍ତି ମାଧ୍ୟମରେ ଅନେକଙ୍କୁ ବିପଦରୁ ରକ୍ଷା ମିଳିଛି । ଯେଉଁମାନେ ଉଚ୍ଚସ୍ତରରେ ସାଧକ-ସାଧିକା ସେସବୁ ସେମାନଙ୍କଦ୍ୱାରା ସମ୍ଭବ ହୋଇପାରିଛି । ଏହି ଶକ୍ତି ଅଦୃଶ୍ୟ ଭାବରେ କାର୍ଯ୍ୟ କରିପାରେ । ପୁରାକାଳରେ ଚିଠି ବିନିମୟଦ୍ୱାରା ଖବର ପଠାଯାଇ ପାରୁଥିଲା । କିନ୍ତୁ ବର୍ତ୍ତମାନ ଟିଭି, ମୋବାଇଲ୍ କିପରି କାର୍ଯ୍ୟ କରୁଛି ସୂକ୍ଷ୍ମ ଅଦୃଶ୍ୟ ଭାବରେ, ଆମେ ଜାଣୁଛୁ । ଆନିବେସାନ୍ତଙ୍କ ଶକ୍ତି ଏହି ଉପାୟରେ କାର୍ଯ୍ୟ କରୁଥିଲା । ସେ ବିପଦମୁଖରୁ

ରକ୍ଷା କରିପାରୁଥିଲେ, ସାହାଯ୍ୟ କରିପାରୁଥିଲେ । ଏକଥା ସମସ୍ତେ ନିଶ୍ଚୟ ଜାଣିଛନ୍ତି ଭଲଭାବରେ । ଚିନ୍ତାଶକ୍ତିର ପ୍ରଭାବ ସୁଦୂରପ୍ରସାରୀ ବୋଲି ପରୀକ୍ଷା କରି ଜଣାଯାଇଛି । ଆମେ ଚେଷ୍ଟା କଲେ ଚିନ୍ତାଶକ୍ତି ମାଧ୍ୟମରେ ମଧ୍ୟ ଉପକାର କରିପାରିବା । ଶାରୀରିକ ହେଉ କି ମାନସିକ ଯନ୍ତ୍ରଣାରୁ ହେଉ ଅନ୍ୟମାନଙ୍କୁ ନିଶ୍ଚୟ ରକ୍ଷା କରିପାରିବା ।

ମହାତ୍ମା ଲେଟରରୁ ଜଣାଯାଏ, ମହାତ୍ମା କିପରି ପ୍ରତ୍ୟୁତ୍ତର ଦେଇପାରନ୍ତି । ସମସ୍ତଙ୍କ ମନର ଚିନ୍ତା ଅବିଳମ୍ବେ ଜାଣିପାରନ୍ତି । ଆମର ଅଗାଧ ଭକ୍ତି ତାଙ୍କ ପ୍ରତି ରହିବା ଦରକାର । ତା'ହେଲେ ଗୁରୁଙ୍କ କୃପା ଆମ ପ୍ରତି ଅଜାଡ଼ି ହୋଇପଡ଼ିବ । ଆନିବେସାନ୍ତ କହିଥିଲେ, ମାନସିକ ଚାପରୁ ରକ୍ଷା କରିବାକୁ ହେଲେ ସକାଳେ ନିଷ୍ପତ୍ତି ନେବା କାହାକୁ ସାହାଯ୍ୟ କରିବାକୁ ହେବ ଏବଂ ଦିନବେଳେ ଏକୁଟିଆ ବସି ମନ ଶାନ୍ତ ଖାଲି ଥିବାବେଳେ ଧ୍ୟାନରେ କି କି ସାହାଯ୍ୟ ଦେଇପାରିବା ଚିନ୍ତା କରିବା । ସୁଖ, ଶାନ୍ତି, ଆନନ୍ଦ ପାଇଁ ଏହିପରି ଚିନ୍ତାଶକ୍ତିର ସାହାଯ୍ୟ ନେବା । ଦେଖିବେ ଏସବୁ କିପରି ଭାବରେ କାର୍ଯ୍ୟକାରୀ ହୋଇପାରୁଛି । ଏହି ଅଭ୍ୟାସ ଜାରି ରଖିବା ଦରକାର । ମନ୍ତ୍ର ଜପ କଲେ ମନ ଦୃଢ଼ ଓ ପବିତ୍ର ହୋଇଥାଏ । ଶୁଭଚିନ୍ତା ପଠାଇବାକୁ ମଧ୍ୟ ସୁବିଧା ହୁଏ । ମନରେ ଅନାବଶ୍ୟକ ଚିନ୍ତାସବୁ ଦୂର ହେବାକୁ ଲାଗେ । ନିଜ ଭିତରେ ଏକ ଶକ୍ତିଶାଳୀ କେନ୍ଦ୍ର ଭାବରେ ଆମେ ଅନ୍ୟକୁ ସାହାଯ୍ୟ କରିବାକୁ ଆଗେଇ ଆସିପାରୁ । ଗୁରୁଙ୍କ ଚିନ୍ତା ମନ ଭିତରେ ସର୍ବଦା ରହିବା ଜରୁରୀ । ସେ ଆମ ପ୍ରେରଣାର ଉତ୍ସ । ତାଙ୍କ କୃପାଦ୍ୱାରା ବିନା ବାଧାରେ ଆମେ କର୍ମ କ୍ଷେତ୍ରରେ ଆଗେଇ ଆସିପାରିବା ।

ଭଲଗୁଣର ବିକାଶ କରିବାକୁ ପ୍ରଥମେ ନିଜକୁ ଭଲଭାବରେ ଜାଣିବା, ବୁଝିବା ଦରକାର । ନିଜକୁ ଯିଏ ଚିହ୍ନିପାରିନି ସେ ଅନ୍ୟକୁ କଦାପି ଚିହ୍ନିପାରିବ ନାହିଁ । ଏଥିପାଇଁ ବୁଦ୍ଧି ବିବେକ ଖଟାଇ ସତର୍କତା ସହିତ କର୍ମ କରିବା ଉଚିତ୍ । ଅବିଦ୍ୟା, ଅଜ୍ଞାନତା ମନୁଷ୍ୟକୁ ଦୁର୍ବଳ, ପଙ୍ଗୁ କରିଦିଏ । ଜ୍ଞାନର ଭଣ୍ଡାର ଅଗାଧ, ସୀମାହୀନ । ଏତେ ସହଜ ନୁହେଁ ଏବଂ ସମ୍ଭବ ମଧ୍ୟ ନୁହେଁ ଗୋଟିଏ ଜନ୍ମରେ ସବୁ ବୁଝିଯିବା ଆଉ କର୍ମରେ ଲଗାଇବା । କେବଳ ଗୁରୁହିଁ ଅଜ୍ଞାନତା ଦୂର

କରିପାରିବେ । ଗୁରୁ ଚାହାନ୍ତି ଯେ ଆମେ ତାଙ୍କ ପରି ହେଉ । ସେଥିପାଇଁ ଅନେକ ପ୍ରଚେଷ୍ଟା କରିବାକୁ ପଡ଼ିବ । ପିତା ଯେପରି ଭାବନ୍ତି, ପୁତ୍ର ମୋ' ଠାରୁ ବଡ଼ ହେଉ ସେହିପରି ଗୁରୁ ମଧ୍ୟ ଶିଷ୍ୟକୁ ଅଧିକ ଯୋଗ୍ୟ ହେବାକୁ ଇଚ୍ଛା କରିଥାନ୍ତି । ଗୁରୁଙ୍କର ଏହା ହେଉଛି ମହନୀୟତା ଶିଷ୍ୟ ପ୍ରତି । ତେଣୁ ଦୃଢ଼, ସଂକଳ୍ପ, ଶକ୍ତି ବଳରେ ନିଜକୁ ବଦଳାଇବାକୁ ପ୍ରୟାସ କର । ଗୁରୁ ଯଦି କରିପାରିଲେ ମୋ'ଦ୍ୱାରା ମଧ୍ୟ ଏହା ହୋଇପାରିବ । ଏହିପରି ସଂକଳ୍ପ କରି ଆଗେଇବା । ନିଜକୁ ଅକ୍ଷମ, ଗୁରୁତ୍ୱହୀନ, ଅକର୍ମଣ୍ୟ ବୋଲି କଦାପି ଭାବିବା ଉଚିତ୍ ନୁହେଁ । ଗୁରୁଙ୍କ ଉପସ୍ଥିତିରେ ମନରେ ଯେଉଁସବୁ ଧାରଣା ଉପୁଜେ, ତାହାକୁ ପାଥେୟ କରି ତା'ର ଶକ୍ତି ବଳରେ ନିଜ କର୍ମ ପ୍ରତି ଧ୍ୟାନ ଦେବା । ଗୁରୁଙ୍କ ଉପସ୍ଥିତିରେ ତାଙ୍କର ଅରା ମଣ୍ଡଳରେ ଆମେ ନିଜର ଅନୁଭବ ସବୁ ମନରେ ସର୍ବଦା ରଖିବା ତେବେ କ୍ରମବିକାଶ କ୍ଷେତ୍ରରେ ତାଙ୍କର ମାଧ୍ୟମ ଭାବରେ କିଛି କରିପାରିବା । ପରମାତ୍ମାଙ୍କର ଶକ୍ତି ଆମ ଭିତରେ ପୂର୍ଣ୍ଣଭାବରେ ପୂରି ରହିଛି । ଆମେ ଅଜ୍ଞାନତା କାରଣରୁ ଜାଣିବାରେ ବିଳମ୍ବ ହେଉଛି । ଥରେ ଏପୋଷ୍ଟଲ୍ କହିଥିଲେ– "ମୋତେ ବଳ ଦେଉଥିବା ଖ୍ରୀଷ୍ଟଙ୍କ ଜରିଆରେ ମୁଁ ସବୁ କିଛି କରିପାରିବି ।" ଗୁରୁଙ୍କ ଆଶୀର୍ବାଦ, ବଳ ମୋତେ ଶକ୍ତ କରୁ । ମୁଁ ହତାଶ ନ ହୋଇ କର୍ମ ପ୍ରତି ଧ୍ୟାନ ଦେବି । ଦୁଃଖିତ ହେବି ନାହିଁ କିମ୍ବା ବିରକ୍ତ ହେବାର ମୂର୍ଖତା ଓ ଭୁଲ୍ କରିପାରିବି ନାହିଁ । ଗୁରୁଙ୍କ ଉପସ୍ଥିତି ଓ ଅରା ଭିତରେ ରହି ସେ ଯାହା ଅନୁଭବ କରୁଥିଲେ, ତାହା ନ ଭୁଲି ଆଗକୁ ଅଗ୍ରସର ହେବାକୁ ଇଚ୍ଛା କରୁଥିଲେ । ତେଣୁ କ୍ରମବିକାଶ କ୍ଷେତ୍ରରେ ଏହିପରି ହୋଇଥାଏ । ପଛକୁ ଫେରିଲେ ପତନ ହେବା ସୁନିଶ୍ଚିତ । ତେଣୁ ବିଚାର କରି କାର୍ଯ୍ୟ କରିବା ।

ମହତ୍ କାର୍ଯ୍ୟ କରିବାକୁ ହେଲେ ନିଜକୁ ପ୍ରଥମେ ଉତ୍ତମ ରୂପେ ପ୍ରଥମେ ଗଢ଼ିବା ଆବଶ୍ୟକ । ମନୁଷ୍ୟ ଚେତନଶୀଳ ଓ ସ୍ୱାଧୀନ । ତେଣୁ ସ୍ୱାଧୀନତାର ଅପବ୍ୟବହାର ଯେପରି କରା ନ ଯାଏ ସେଥିପ୍ରତି ସଜାଗ ରହିବା, ଅହଂଭାବରୁ ମୁକ୍ତ ହେବା । ଆଉ ଗୋଟିଏ କଥା ହେଲା ମଧ୍ୟଯୁଗୀୟ ଖ୍ରୀଷ୍ଟିୟାନମାନେ କହିଥାନ୍ତି– "ଗୌରବ ହେଉଛି ଈଶ୍ୱରଙ୍କର ।" ଅର୍ଥାତ୍ ଈଶ୍ୱର ସବୁ କରିଥାନ୍ତି ।

ମଣିଷ କେବଳ ନିମିତ୍ତ ମାତ୍ର । ପ୍ରତି ଅଣୁ ପରମାଣୁରେ ସେ ସ୍ଫୁରିତ ଅଟନ୍ତି । ଆମେ ପ୍ରତିଦିନ ପ୍ରାର୍ଥନା କରିଥାଉ । ଶରୀର ଭିତରେ ରହି ପ୍ରତିଟି କର୍ମ ହୋଇଥାଏ ତାଙ୍କ ପ୍ରେରଣାରେ । ଶରୀରର କୌଣସି ଅଙ୍ଗ ଦାବି କରିପାରିବ ନାହିଁ ମୁଁ କରୁଛି ବୋଲି ।

'ମୁକିଂ କରୋତି ବାଚାଳଂ ପଙ୍ଗୁ ଲଂଘୟତେ ଗିରିଂ' । ଈଶ୍ୱର ଚାହିଁଲେ ମୂକ କଥା କହିବ ଓ ପଙ୍ଗୁ ମଧ୍ୟ ଗିରି ଲଘିଂ ପାରିବ । ଉଦ୍ଧବ, କୃଷ୍ଣଙ୍କୁ ପଚାରୁଛନ୍ତି—

"ବୋଲ ଯେ ସର୍ବଭୂତେ ହରି ।
ଅନ୍ତର ବାହ୍ୟେ ଛନ୍ତି ପୂରି ।
କେମନ୍ତେ ଜାଣିବି ମୁଁ ତାହା ।
ଜ୍ଞାନ ହେଉ ହେ ଚଉବାହା ।"

ଏହାର ତତ୍ତ୍ୱଜ୍ଞାନ ଭଗବାନ୍ ଉଦ୍ଧବଙ୍କୁ ଶୁଣାଉଥିଲେ—

"ଏ ଆତ୍ମା ସ୍ୱୟଂ ବ୍ରହ୍ମରୂପୀ ।
ପ୍ରକୃତି ସେହି ଦେହେ ବ୍ୟାପି ।"

ପରମାତ୍ମା, ଆତ୍ମା ରୂପରେ ଶରୀରରେ ରହିଛନ୍ତି । ତେଣୁ ଆମେ ଏ ଶରୀରକୁ ପାଇ ଆଦୌ ଗର୍ବ ଅନୁଭବ କରିବାର ଉଚିତ୍ ନୁହେଁ । ନିଃଶ୍ୱାସ ବନ୍ଦ ହେଲା ମାତ୍ରକେ ସବୁ ଶେଷ । ତେଣୁ କହିଛନ୍ତି—

"ସକଳ ଶାସ୍ତ୍ରେ ପରମାଣ
ସବୁହୁଁ ଶ୍ରେଷ୍ଠ ଆତ୍ମଜ୍ଞାନ ।
ଏ ଜୀବ ସାଧୁସଙ୍ଗ ବିନୁ ।
ଲଭି ନ ପାରେ ମୋର ତନୁ ।
ମୋ ଭାବେ ଚିତ୍ତ ଯାର ନାହିଁ ।
ସଂସାରେ ଦରିଦ୍ରଟି ସେହି ।"

ମୋଟ ଉପରେ କୁହାଯାଇପାରେ କର୍ମର କେନ୍ଦ୍ରସ୍ଥଳୀ ହେଉଛି ମନ । ଅଗ୍ନି ଯେପରି ଧୂମ ଦ୍ୱାରା, ଦର୍ପଣ ଧୂଳି ଦ୍ୱାରା ଓ ଶିଶୁ ଜରାୟୁ ଦ୍ୱାରା ଯେପରି ଆବୃତ ରହିଥାନ୍ତି, ସେହିପରି ମନର ଅବସ୍ଥା ବା ସ୍ଥିତି । ଏ ସ୍ଥୂଳ ମସ୍ତିଷ୍କ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇଥାଏ । ଯେପର୍ଯ୍ୟନ୍ତ ଆତ୍ମଜ୍ଞାନ ଲାଭ ନ ହୋଇଛି ମନୁଷ୍ୟର ମାୟା ବଶୀଭୂତ ଅବସ୍ଥା । କାମ ସବୁ ଶରୀର ଭିତରେ ରହିଚି । ଇନ୍ଦ୍ରିୟଗୁଡ଼ିକ ମାଧ୍ୟମ । ଇନ୍ଦ୍ରିୟ କ୍ରିୟାର ଅର୍ଥ ଶାରୀରିକ କ୍ରିୟା । ଇନ୍ଦ୍ରିୟ ନିଷ୍କ୍ରିୟ ହେଲେ, ଶରୀରର କ୍ରିୟା ବନ୍ଦ ହୋଇଯିବ; କିନ୍ତୁ ମନ ସର୍ବଦା ସକ୍ରିୟ । ସ୍ୱପ୍ନରେ ମଧ୍ୟ କାର୍ଯ୍ୟ କରୁଥାଏ । ମନ ଉପରେ ବୁଦ୍ଧି ସ୍ଥିର । କିନ୍ତୁ ତା' ଉପରେ ଆତ୍ମା ରହିଛି । ମନ, ବୁଦ୍ଧି ଓ ଆତ୍ମା ସହ ଯଦି ଇନ୍ଦ୍ରିୟ ସଂଯମ ହୁଏ ତେବେ ପରମାତ୍ମା ଦର୍ଶନ ନିଶ୍ଚୟ ହୋଇପାରିବ, ଏଥିରେ ସନ୍ଦେହ ନାହିଁ । ବୁଦ୍ଧି ଦ୍ୱାରା ମନକୁ ଈଶ୍ୱରଙ୍କ କାର୍ଯ୍ୟରେ ଲଗାଇପାରିଲେ ମନ ଆଦୌ ବିଚଳିତ ହେବ ନାହିଁ । ଶରୀର କ୍ଷୁଦ୍ର ହେଉ କି ବୃହତ୍, ଈଶ୍ୱର ଶରୀର ମଧ୍ୟରେ ପ୍ରବେଶ କରି କାର୍ଯ୍ୟ କରିଥାନ୍ତି । ସେ ହିଁ ସବୁ କାର୍ଯ୍ୟର କାରଣ ଅଟନ୍ତି । ତେଣୁ 'ମୁଁ'ର ଭାବ ରଖିବା ନାହିଁ । ଅଭ୍ୟାସ ଓ ବୈରାଗ୍ୟଦ୍ୱାରା ମନକୁ ସଂଯତ କରି ନିଜକୁ ଈଶ୍ୱରଙ୍କ କାର୍ଯ୍ୟରେ ସମର୍ପି ଦେବା । ଗୁରୁ ଆମର ପଥପ୍ରଦର୍ଶକ । ତାଙ୍କର ଆଶ୍ରୟରେ ଅଗ୍ରସର ହେବା ଏକାନ୍ତ କର୍ତ୍ତବ୍ୟ । ତାଙ୍କ ଚରଣରେ କୋଟି କୋଟି ପ୍ରଣାମ ।

ଜଗନ୍ନାଥ ଲଜ୍, ପୁରୀ

❖❖❖

# ଭାଗବତର ଏକାଦଶ ସ୍କନ୍ଧ : ମୁକ୍ତି-ମାର୍ଗର ଦିଗ୍‌ଦର୍ଶନ

ଡକ୍ଟର ଚିନ୍ମୟୀ ମହାପାତ୍ର

କୁହାଯାଏ "ବିଦ୍ୟାବତାଂ ଭାଗବତେ ପରୀକ୍ଷା" । ଭାଗବତକୁ ବୁଝିବା ଓ ବୁଝାଇବା ଯେ ଅତ୍ୟନ୍ତ ଦୁଃସାଧ୍ୟ ବ୍ୟାପାର ତାହା ଏଥିରୁ ସୂଚିତ ହୁଏ । ସକଳ ପୁରାଣ ମଧ୍ୟରେ ଶ୍ରେଷ୍ଠ ଏହି 'ଶ୍ରୀମଦ୍‌ଭାଗବତ ମହାପୁରାଣ' କେବଳ ଉଚ୍ଚାଙ୍ଗ ସାହିତ୍ୟକୃତି ନୁହେଁ; ଆଧ୍ୟାତ୍ମିକ ଜ୍ଞାନର ପ୍ରଖ୍ୟାପନ, ନିଗୂଢ଼ ଭଗବତ୍-ତତ୍ତ୍ୱ, ଜୀବର ମୁକ୍ତି-ତତ୍ତ୍ୱ ପରି ଅସାଧାରଣ ତତ୍ତ୍ୱଜ୍ଞାନରେ ପରିପୃକ୍ତ ଆଧ୍ୟାତ୍ମିକ ଶାସ୍ତ୍ର ମଧ୍ୟ । ଭବ-ଭୟରୁ ତାରଣ କରିବାରେ ସମର୍ଥ ଅନାଦି ପରମକାରଣ ସତ୍ୟସ୍ୱରୂପ ପରମାନନ୍ଦ ହରିଙ୍କୁ ସ୍ମରଣ କରି ତାଙ୍କରି ଲୀଳାର ବୈଚିତ୍ର୍ୟ ଓ ମହତ୍ତ୍ୱ ପ୍ରଖ୍ୟାପନ ଲକ୍ଷ୍ୟରେ ଏହା ରଚନା କରାଯାଇଛି । ଇତିହାସ-ପୁରାଣାଦି ଅନେକ ଗ୍ରନ୍ଥ ରଚନା କରି ମଧ୍ୟ କୃଷ୍ଣଦ୍ୱୈପାୟନ ମହର୍ଷି ବ୍ୟାସ ଆତ୍ମସନ୍ତୋଷ ଲାଭ କରି ନ ପାରିବାରୁ ନାରଦ ମହର୍ଷିଙ୍କ ପରାମର୍ଶକ୍ରମେ 'କୃଷ୍ଣଚରିତ ଭାଗବତ' ରଚନାରେ ନିୟୋଜିତ ହୋଇଥିଲେ । କଳିଯୁଗର ଆଗମନ ଜାଣି ଶୌନକାଦି ଋଷିଗଣ ନୈମିଷାରଣ୍ୟରେ ସୂତମୁନିଙ୍କୁ 'ଜୀବ ତରିବାର ଉପାୟ' ଜିଜ୍ଞାସା କରିବାରୁ ସେ ଭାଗବତ କଥା ମାଧୁରୀ ପରିବେଷଣ କରିବା ଭିତରେ ସଂସାର-ବନ୍ଧନରୁ ବିମୁକ୍ତ ହେବାରେ ସହାୟକ ଆଧ୍ୟାତ୍ମିକ ଜ୍ଞାନର ଶିକ୍ଷା ଦାନ କରିଥିଲେ । ଶୁକ-ପରୀକ୍ଷିତ, ବିଦୂର-ମୈତ୍ରେୟ, ଯଦୁ-ଅବଧୂତ, ରୁଦ୍ର-ପ୍ରଚେତସ, ସର୍ବୋପରି ଭଗବାନ-ଉଦ୍ଧବଙ୍କ ସମ୍ବାଦ ଛଳରେ ଏହି ମହାପୁରାଣରେ ଅନେକ ଜଟିଳ ତତ୍ତ୍ୱକୁ ସରଳ କରି ବୁଝାଇ ଦିଆଯାଇଛି । ସୃଷ୍ଟିତତ୍ତ୍ୱ, ବିଭିନ୍ନ ପ୍ରମୁଖ ବଂଶର ଉତ୍ପତ୍ତି ଓ ଅଭିବୃଦ୍ଧି, ବିଭିନ୍ନ ସମୟରେ ବିଭିନ୍ନ

ଦୁଷ୍ଟ ଶକ୍ତିର ବିନାଶ କରି ସଦ୍ଧର୍ମର ପ୍ରତିଷ୍ଠା ପାଇଁ ଭଗବାନଙ୍କର ବିବିଧ ଅବତାର ପ୍ରସଙ୍ଗ ସହିତ ଅବତାର ଶ୍ରେଷ୍ଠ ଶ୍ରୀକୃଷ୍ଣଙ୍କର ଜନ୍ମ-କର୍ମାଦି ଲୀଳା ଓ ସେ ଲୀଳାର ଅବସାନ ଏହାର ବର୍ଣ୍ଣନୀୟ ବିଷୟ ।

ସଂସ୍କୃତ ଭାଷାରେ ଉଚ୍ଚାଙ୍ଗ ଶୈଳୀରେ ରଚିତ, ଦାର୍ଶନିକ ଜ୍ଞାନରେ ପରିପୃକ୍ତ 'ଶ୍ରୀମଦ୍‌ଭାଗବତ ମହାପୁରାଣମ୍'କୁ ଷୋଡ଼ଶ ଶତାବ୍ଦୀରେ ଦିଗ୍‌ଗଜ ବିଦ୍ୱାନ୍ ତଥା ଭଗବଦ୍‌ଭକ୍ତିନିଷ୍ଠ ଜଗନ୍ନାଥ ଦାସ ଉତ୍କଳର ଜନସାଧାରଣ, ଏପରିକି ନିରକ୍ଷରା ନାରୀମାନଙ୍କର ବୋଧଗମ୍ୟ ହେଲାପରି ସୁବୋଧ ଓଡ଼ିଆ ଭାଷାରେ ଅନୁବାଦ କରିଦେଲେ । ସନାତନ ସଂସ୍କୃତି ଓ ଧର୍ମ-ପରମ୍ପରାର ଶ୍ରେଷ୍ଠ ପୀଠ ପୁରୁଷୋତ୍ତମ କ୍ଷେତ୍ରର ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ତାଙ୍କ ଓଡ଼ିଆ 'ଶ୍ରୀମଦ୍‌ଭାଗବତ'ର ସୁଲଳିତ ବ୍ୟାଖ୍ୟା କ୍ରମେ ଓଡ଼ିଆ-ଭାଷୀ ଅଞ୍ଚଳର କୋଣ ଅନୁକୋଣକୁ ପ୍ରସାରିତ ହୋଇ ଶତାବ୍ଦୀ-ଶତାବ୍ଦୀ ଧରି ଏ ଜାତିର ଭାଷା-ସାହିତ୍ୟ, ଶିକ୍ଷା-ସଂସ୍କୃତି, ଧର୍ମ-ଦର୍ଶନ ଆଦି ସକଳ କ୍ଷେତ୍ରକୁ ସ୍ୱକୀୟ ଦୀପ୍ତିରେ ସମୁଜ୍ଜ୍ୱଳ କରିଦେଲା । ଏ ଗ୍ରନ୍ଥ ସନ୍ତାନମାନଙ୍କୁ ଶିକ୍ଷିତ କରାଇବାର ପ୍ରେରଣା ଦେଲା, ଭାଷା-ସାହିତ୍ୟର ଆଦର୍ଶ ସୃଷ୍ଟି କଲା, ସମାଜ-ଜୀବନକୁ ନୈତିକତାର ଶିକ୍ଷା ଦେଲା, ମୁମୂର୍ଷୁଙ୍କ ପାଇଁ ମୁମୁକ୍ଷାର ବାଣୀ ଶୁଣାଇଲା; ଗ୍ରାମେଗ୍ରାମେ 'ଭାଗବତ ଟୁଙ୍ଗୀ' ପରି ଅନୁଷ୍ଠାନ ଗଢ଼ିଉଠିଲା ଓ ସାଧାରଣ ଜନମାନସକୁ ଧର୍ମ, ନୀତି, ଆଧ୍ୟାତ୍ମିକତାର ଶୀତଳ ପ୍ଲାବନରେ ପରିପ୍ଲୁତ କଲା । ଘରେଘରେ 'ଭାଗବତ', ଅନ୍ତତଃ ଏହାର ଏକାଦଶ ସ୍କନ୍ଧର ପାଠ ଏକ ଦୈନନ୍ଦିନ କାର୍ଯ୍ୟସୂଚୀରେ ପରିଣତ ହେଲା ।

କଥା ଦୃଷ୍ଟିରୁ ଏକାଦଶ ସ୍କନ୍ଧ କୃଷ୍ଣ ଚରିତର ଅନ୍ତିମ ପର୍ଯ୍ୟାୟ ବା ଉପସଂହାର । ମାତ୍ର ଭାଗବତର ପ୍ରକୃତ ବକ୍ତବ୍ୟ ମୁକ୍ତିତତ୍ତ୍ୱ ଦୃଷ୍ଟିରୁ ଏହା ଏ ଗ୍ରନ୍ଥର ସାର । ଏହି ସ୍କନ୍ଧର ପ୍ରାରମ୍ଭିକ ଅଂଶରେ ହିଁ ସୂଚିତ ହୋଇଛି–

"ସେ ହରି ଚରିତ ପ୍ରକାଶ । ମୁକ୍ତି ଲକ୍ଷଣ ଏକାଦଶ ।
ଏ ଭାଗବତ ଧର୍ମକଥା । ହେଲେ ଖଣ୍ଡଇ ଭବବ୍ୟଥା ।"(୧୧/୧/୧)

ଶୁକ-ପରୀକ୍ଷିତ ସମ୍ବାଦ ମାଧ୍ୟମରେ ଯଦୁବଂଶ ନାଶ ପ୍ରସଙ୍ଗ ସୂଚିତ କରିବା ପରେ ବସୁଦେବଙ୍କ ମୁକ୍ତିମାର୍ଗ ଜିଜ୍ଞାସାର ଉତ୍ତରରେ ନାରଦ ମହର୍ଷି ନିମି-ନବମୁନି

ପ୍ରସଙ୍ଗ ଶୁଣାଇଥିଲେ । ବିଷ୍ଣୁଅଂଶୀ ଋଷଭଙ୍କ ଜ୍ୟେଷ୍ଠପୁତ୍ର ଭରତଙ୍କର ଶତପୁତ୍ରଙ୍କ ମଧ୍ୟରୁ କବି, ହବି, ଅନ୍ତରୀକ୍ଷ, ପ୍ରବୁଦ୍ଧ, ପିପ୍‌ପଲାୟନ, ଆବିର୍ହୋତ୍ର, ଦ୍ରୁମିଳ, ଚମସ ଓ କରଭାଜନ ନାମକ ନଅ ଜଣ ନିର୍ଗୁଣ ଯୋଗାଭ୍ୟାସ କରି ଆତ୍ମଜ୍ଞାନୀ ସାଧୁ ହୋଇଥିଲେ । ସେହି ନବ ଋଷି ଯଜ୍ଞଶାଳାରେ ଉପସ୍ଥିତ ହେବାରୁ ବିଦେହରାଜ ନିମି ସେମାନଙ୍କଠାରୁ ଜ୍ଞାନୋପଦେଶ ଲୋଡ଼ିଥିଲେ ଓ ସେମାନେ ସାଧୁ-ସଙ୍ଗର ଆବଶ୍ୟକତା, ଭଗବଦ୍‌ଭକ୍ତିର ମହତ୍ତ୍ୱ, ତ୍ରିବିଧ ଭକ୍ତଙ୍କ ଲକ୍ଷଣ, ମାୟାର ରହସ୍ୟ ଓ ତହିଁରୁ ପରିତ୍ରାଣର ଉପାୟ, କର୍ମଯୋଗର ବିଧାନ, ପୁରାଣପୁରୁଷ ନାରାୟଣଙ୍କ ସ୍ୱରୂପ ଓ ବିବିଧ ଅବତାର, ଧର୍ମ-ଅଧର୍ମ ବିବେଚନା ଓ ସଂସାର-ଧର୍ମ ନିର୍ବାହ ସଂପର୍କରେ ଦିଗ୍‌ଦର୍ଶନ ଦେଇଥିଲେ । ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଭଗବାନ ଶ୍ରୀକୃଷ୍ଣ ଓ ଉଦ୍ଧବଙ୍କ ସମ୍ବାଦରେ ସେହିସବୁ ତତ୍ତ୍ୱ ବିସ୍ତୃତ ଓ ପ୍ରାଞ୍ଜଳ ଭାବରେ ଆଲୋଚିତ ହୋଇଛି ।

କୃଷ୍ଣାବତାରର ଉଦ୍ଦେଶ୍ୟ ସିଦ୍ଧ ହୋଇସାରିବା ପରେ ବ୍ରହ୍ମାଦି ଦେବଗଣଙ୍କ ପ୍ରାର୍ଥନା କ୍ରମେ ଭଗବାନ ମର୍ତ୍ତ୍ୟଲୀଳା ସାଙ୍ଗ କରି ସ୍ୱଧାମକୁ ପ୍ରତ୍ୟାବର୍ତ୍ତନ କରିବାର ପ୍ରସ୍ତୁତି ଆରମ୍ଭ କରିଥିଲେ । ତେବେ ଯଦୁବଂଶୀମାନଙ୍କର ଦାମ୍ଭିକପଣରେ ଅବନୀ ତଥାପି ଭାରାକ୍ରାନ୍ତ ଥିବାରୁ ସେ ତାହା ଉଶ୍ୱାସ କରିବାର ଆବଶ୍ୟକତା ଅନୁଭବ କରିଥିଲେ । କୃଷ୍ଣ-ପୁତ୍ରଗଣ ଶାମ୍ବକୁ ନାରୀବେଶ କରି ତା'ର ସନ୍ତାନ-ପ୍ରସବ ବିଷୟରେ ଋଷିମାନଙ୍କୁ କପଟ-ପ୍ରଶ୍ନ ପଚାରିବା, ସେହି ଗର୍ଭରୁ ଲୌହମୂଷଳ ଜନ୍ମି ଯଦୁବଂଶ-ବିନାଶର କାରଣ ହେବ ବୋଲି ବିପ୍ର-ଶାପକୁ ନିମନ୍ତ୍ରି ଆଣିବା, ସେହି ଶାପକୁ ନିମିତ୍ତ କରି କୁଳ ସଂହାର କରିବା ପାଇଁ ଶ୍ରୀକୃଷ୍ଣ ଦ୍ୱାରକାପୁରବାସୀ ସ୍ୱଜନମାନଙ୍କୁ ପ୍ରଭାସ ତୀର୍ଥ ଅଭିମୁଖେ ସଞ୍ଚାଳିତ କରିବା ଉଦ୍ଧବଙ୍କ ମନରେ ଶଙ୍କା ଜନ୍ମାଇଥିଲା । ସେ ପ୍ରଭୁଙ୍କର ସହଚର ହେବାପାଇଁ କଟାଳ କରିବାରୁ ସେ ତାଙ୍କୁ ଜ୍ଞାନ-ବିଜ୍ଞାନରେ ମନ ଦେଇ ନିଶ୍ଚଳ ଚିତ୍ତରେ ଭଗବଦ୍‌ଭାବରେ ମଗ୍ନ ହେବାକୁ ଉପଦେଶ ଦେଇଥିଲେ ।

ଶ୍ରୀକୃଷ୍ଣଙ୍କ ମାନୁଷୀଲୀଳା ଶେଷ ହେବା ପରେ କଳିଯୁଗର ଆଗମନରେ ମନୁଷ୍ୟମାନେ ନୀତିଭ୍ରଷ୍ଟ ହେବାର ସମ୍ଭାବନା ସୂଚିତ ହୋଇଛି—

"ଏ ଘୋର କଳିଯୁଗ ଗତି । ଲୋକେ ହୋଇବେ ଦୁଷ୍ଟମତି ।
ହିଂସା ବହିବେ ଏକେଏକେ । ସର୍ବେ ମଜ୍ଜିବେ ଦୁଃଖଶୋକେ ।
ଅଗମ୍ୟେ କରିବେ ଗମନ । ନିନ୍ଦିବେ ନିଗମ ବଚନ ।
ଏଣୁ ହୋଇବେ ଅଳ୍ପାୟୁଷ । ପାପେ ସକଳ ଯିବେ ନାଶ ।" (୧୧/୮/୫)

ଭଗବାନ ଶ୍ରୀକୃଷ୍ଣଙ୍କର ଉଦ୍ଧବଙ୍କୁ ଉପଦେଶ ମାଧ୍ୟମରେ ବ୍ୟାସଦେବ କଳିଯୁଗର ସେହି ଅଭାଗା ମଣିଷମାନଙ୍କ ପାଇଁ ଘନଘୋର ଅନ୍ଧକାର ମଧ୍ୟରେ ଆଲୋକବର୍ତ୍ତିକା ଜଳାଇଛନ୍ତି । ଭେଦବୁଦ୍ଧି ଘେନି ଦୋଷ-ଗୁଣ, କର୍ମ-ଅକର୍ମର ବିଚାର କରୁଥିବା ପ୍ରାଣୀମାନଙ୍କୁ ବୁଝାଇ ଦେଇଛନ୍ତି ଯେ ଶାସ୍ତ୍ରନିର୍ଦ୍ଦିଷ୍ଟ ବିଧି-ନିଷେଧ ଅନୁଯାୟୀ କରାଯାଉଥିବା କର୍ମ ହିଁ ଯଥାର୍ଥ କର୍ମ, ତାହା ନ କରିବା ଅକର୍ମ ଓ ନିଷିଦ୍ଧ କର୍ମ କରିବା ବିକର୍ମ । (୧୧/୮/୮)

ନିମି ରାଜାଙ୍କ ପ୍ରଶ୍ନର ଉତ୍ତରରେ ଋଷି ପିପ୍ପଳାୟନ ପୁରାଣପୁରୁଷ ନାରାୟଣଙ୍କ ସ୍ୱରୂପ ବିଷୟରେ ବୁଝାଇବାକୁ ଯାଇ କହିଛନ୍ତି ଯେ, ସେ ସ୍ୱୟଂ ଅହେତୁ ହେଲେ ହେଁ ସମଗ୍ର ସଂସାର, ଏହାର ସର୍ଜନ-ପାଳନ-ସଂହରଣର ହେତୁ । ସେ ହିଁ ଦେହ, ଇନ୍ଦ୍ରିୟ, ପ୍ରାଣ ସବୁଥିରେ ନିହିତ ପରମାତ୍ମା । ଜାଗ୍ରତ-ସ୍ୱପ୍ନ-ସୁଷୁପ୍ତି-ସମାଧି ଆଦି ସବୁ ଅବସ୍ଥାରେ ବାହ୍ୟ-ଆନ୍ତର ସବୁ ଭାବରେ ରହିଛନ୍ତି ସେହି ବ୍ରହ୍ମ । ବ୍ରହ୍ମଙ୍କଠାରୁ ପ୍ରକୃତି, ତହିଁରୁ ମହତ୍ତତ୍ତ୍ୱ, ତହିଁରୁ ଅହଂକାର ଜାତ ହୋଇଛି, ଯାହା ଜୀବାତ୍ମାର ଆଧାର ।

ସଂସାରରେ ଅପାଦ, ଏକପାଦ, ଦ୍ୱିପଦ, ତ୍ରିପଦ, ଚତୁଷ୍ପଦ, ବହୁପଦ ଆଦି ବିବିଧ ପ୍ରକାର ପ୍ରାଣୀ ଥିଲେ ହେଁ ସେଥି ମଧ୍ୟରୁ ମନୁଷ୍ୟ ରୂପ ଭଗବାନଙ୍କର ଅତିପ୍ରିୟ (୧୧/୮/୭୩) ଯଦୁ ରାଜାଙ୍କ ପ୍ରତି ଅବଧୂତଙ୍କ ଉକ୍ତିରେ ଏହାର କାରଣ ସୂଚିତ ହୋଇଛି—

"ଦେଖ ମନୁଷ୍ୟ କଳେବର । କେବଳ ମୁକତିର ଦ୍ୱାର ।
ଏ ଦେହ ପାଇ ମହୀ ତଳେ । ହେଳେ ତରନ୍ତି ଭବ ଜଳେ ।"

(୧୧/୮/୭୩)

ନିଜ କଳ୍ପନାରୁ ଅନେକ ପ୍ରକାର ସୃଷ୍ଟି ଭିଆଇଥିଲେ ହେଁ ସନ୍ତୋଷ ଲାଭ କରି ନ ଥିବା ଭଗବାନ ମାନବକୁ ସୃଷ୍ଟି କଲାପରେ ସନ୍ତୁଷ୍ଟ ହୋଇଥିଲେ ।

"ମାୟା କ୍ରୀଡ଼ନେ ନରହରି । ପୂର୍ବେ ଅନେକ ସୃଷ୍ଟି କରି ।
ସଂସାରେ ଜୀବ ନାନା ମତେ । ସନ୍ତୋଷ ନ ପାଇଲେ ଚିତ୍ତେ ।
ତେଣୁ ମାନବ ସୃଷ୍ଟି କଲା । ଯହିଁ ବିଶ୍ରାମ ସର୍ବ ଲୀଳା ।
ମନୁଷ୍ୟ ଦେହେ ଦିବ୍ୟଜ୍ଞାନ । ଦେଖି ସନ୍ତୋଷ ଭଗବାନ ।"

(୧୧/୧୦/୧୮)

ଅନେକ କୋଟି ଯୋନିରେ ଜନ୍ମିଲା ପରେ ଶୁଭକର୍ମଜନିତ ଭାଗ୍ୟ ଘେନି ପ୍ରାଣୀ ମନୁଷ୍ୟ ଯୋନିରେ ଜାତ ହୋଇଥାଏ । ତେଣୁ ମନୁଷ୍ୟ ଶରୀର ଦୁର୍ଲ୍ଲଭ ବୋଲି କୁହାଯାଇଛି । ଏପରି ଦୁର୍ଲ୍ଲଭ ଶରୀରରେ ଅନେକ ଜନ୍ମର ସୁକର୍ମ ବଶରୁ ଯାହାର ଜ୍ଞାନ ପ୍ରକାଶିତ ହୁଏ, ସେ ଆଉ ମାୟା-ମୋହରେ ନ ପଡ଼ି ସମଗ୍ର ଜଗତକୁ ବିଷ୍ଣୁମୟ ରୂପେ ଦେଖିଥାଏ । (୧୧/୧୦/୨୯) । ମୃତ୍ୟୁ ମଣିଷକୁ କେତେବେଳେ ଗ୍ରାସ କରିବ ତାହା ତ ଅଜ୍ଞାତ । ତେଣୁ ଯେପର୍ଯ୍ୟନ୍ତ ମୃତ୍ୟୁ ଦୂରରେ ଅଛି, ଶରୀରରେ ଯୌବନର ଦୀପ୍ତି ଓ ଶକ୍ତି ଅଛି, ବିଷ୍ଣୁଭକ୍ତିର ସାଧନା କରିବା ପାଇଁ ଅବଧୂତଙ୍କ ମୁଖରେ ଉପଦେଶ ଦିଆଯାଇଛି ।

ବିଷୟାବାସନାଜଡ଼ିତ ମନୁଷ୍ୟର କୌଣସି ସ୍ୱାତନ୍ତ୍ର୍ୟ ନଥାଏ । କର୍ମ ସଂପାଦନ ଓ କର୍ମଫଳ ଭୋଗର ବନ୍ଧନରେ ଆବଦ୍ଧ ହୋଇ ବନ୍ଦୀ ପ୍ରାୟ ଜୀବନ କଟାଇ ସୁଖକୁ ଦୁଃଖ ଓ ଦୁଃଖକୁ ସୁଖ ମନେକରି ବୃଥା ଅହଂକାରରେ ବିଭ୍ରାନ୍ତ ହୋଇଥାଏ । ଧନ-ସମ୍ପଦ, ଦାରା-ପୁତ୍ର ଆଦିର ମୋହରେ ପଡ଼ି ଅକର୍ମ ଓ ବିକର୍ମ କରିଥାଏ । ଧନ ଅର୍ଜନ ଓ ସଞ୍ଚୟ, ପରପୀଡ଼ନ, କାମକ୍ରୀଡ଼ା, ସ୍ୱଜନବାତ୍ସଲ୍ୟରେ କାଳ କଟାଇଥାଏ । କାମନା ହିଁ ସକଳ ଦୁଃଖର କାରଣ, ଏ କଥା ଭାଗବତରେ ମଧ୍ୟ କୁହାଯାଇଛି—

"କାମେ ଚଞ୍ଚଳ ଚିତ୍ତେ ରାଗ । ଏଣୁ ସେ କରେ ନାନା ଭୋଗ ।
ସେ ଗତାଗତ ପଥେ ଭ୍ରମେ । ଜନ୍ମ ମରଣ ଦୁଃଖ ଶ୍ରମେ ।
ତାହାର ଦୁଃଖ ମାତ୍ର ସାର । କେବେ ହେଁ ନ ତୁଟେ ସଂସାର ।"

(୧୧/୨୨/୧)

'ଶ୍ରୀମଦ୍‌ଭଗବଦ୍‌ଗୀତା'ରେ ଭଗବାନ ଅର୍ଜ୍ଜୁନଙ୍କୁ ପ୍ରାଣୀର ବିନାଶର ପଥ ସଂପର୍କରେ ସଚେତନ କରାଇ କହିଥିଲେ–

"ଧ୍ୟାୟତୋ ବିଷୟାନ୍ ପୁଂସଃ ସଙ୍ଗ ସ୍ତେଷୂପଜାୟତେ ।
ସଙ୍ଗାତ୍ ସଞ୍ଜାୟତେ କାମଃ କାମାତ୍ କ୍ରୋଧୋଽଭିଜାୟତେ ॥
କ୍ରୋଧାଦ୍‌ଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତିବିଭ୍ରମଃ ।
ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ।"

(ଶ୍ରୀମଦ୍‌ଭଗବତ୍‌ଗୀତା, ୨।୬୨-୬୩)

ପରମ ଭକ୍ତ ଉଦ୍ଧବଙ୍କୁ ମଧ୍ୟ ସମମର୍ମର କଥା କହିଛନ୍ତି । ବିଷୟଭୋଗ ପ୍ରତି ଆସକ୍ତ ମନୁଷ୍ୟର ମନରେ କାମ୍ୟ କର୍ମର ପ୍ରବୃତ୍ତି ଜାଗିଥାଏ କାମନାର ଅପୂର୍ତ୍ତିରେ କନ୍ଦଳ ଉପୁଜେ । କନ୍ଦଳରୁ କ୍ରୋଧ ଜାତ ହୁଏ ଓ ଜ୍ଞାନ ହତ ହୁଏ । ତମୋଗୁଣସଂଜାତ କ୍ରୋଧ ବ୍ୟକ୍ତିକୁ ଚେତନାହତ କରିଦିଏ–

"ବୁଦ୍ଧିବିହୀନେ ମୂଢ଼ ଜନ । ସେ ହୋଏ ମୂର୍ଚ୍ଛିତ ସମାନ ।
ବର୍ତ୍ତଇ ମୃତ ଶବ ପ୍ରାୟେ । ଜୀବ ପରମ ଜ୍ଞାନ ନୋହେ ।
ବୃକ୍ଷର ପ୍ରାୟେ ସେ ଜୀଅଇ । ପାପ ବଲ୍‌କଳ ମଧ୍ୟେ ଥାଇ ।"

(୧୧।୨୨।୨୧)

ଶରୀର ଓ ସମ୍ପଦ ଆଦି ବିଷୟର ଚିନ୍ତନଦ୍ୱାରା ମନ ମାୟାରେ ମୋହିତ ହୋଇ ଭ୍ରମିଥାଏ ବୋଲି ନବ ମୁନିଙ୍କ ମଧ୍ୟରୁ ଅନ୍ୟତମ କବି ମଧ୍ୟ ରାଜା ନିମିଙ୍କୁ କହିଥିଲେ । ଭଗବଦ୍ ଭାବରେ ମଗ୍ନ ହେବା ହିଁ ପ୍ରକୃତ ଐଶ୍ୱର୍ଯ୍ୟ । ହରି-ବିମୁଖ ପ୍ରାଣୀ ପଶୁତୁଲ୍ୟ । ସେମାନେ ଅଜ୍ଞତା ହେତୁ ବୁଦ୍ଧିଭ୍ରଷ୍ଟ ଓ ମୋହଗ୍ରସ୍ତ ହୋଇଥିବାରୁ ସ୍ୱପ୍ନରେ ପାଇଥିବା ସୁଖକୁ ସତ୍ୟ ମଣିଲା ପରି ଅସାର ବିଷୟ-ସୁଖକୁ ସାର ମଣି ସଂସାର-ମୋହରେ ଜଡ଼ି ରହିଥା'ନ୍ତି ଓ ଦୁଃଖ ଭୋଗ କରିଥା'ନ୍ତି । ମାତ୍ର ଜ୍ଞାନୀ ବ୍ୟକ୍ତି ତତ୍ତ୍ୱଜ୍ଞାନ ହେତୁ ନିର୍ମଳ ଧ୍ୟାନରେ କୃଷ୍ଣଙ୍କୁ ଭଜନ୍ତି । ବେଦ ଓ ଧର୍ମଶାସ୍ତ୍ର ବିପ୍ରଙ୍କର ଦୁଇ ନୟନ ତୁଲ୍ୟ । ଏ ଦୁଇ ଜ୍ଞାନ ନ ଥିଲେ ବିପ୍ର ଅନ୍ଧ; ଗୋଟିକରେ ଜ୍ଞାନ ନ ଥିଲେ କଣା । ମାତ୍ର ଭଗବତ୍ କଥାରେ ମନୋଯୋଗ ମୂର୍ଖଙ୍କୁ ମଧ୍ୟ ମୁକ୍ତି-

ମାର୍ଗରେ ପରିଚାଳିତ କରିଥାଏ । ଭଗବଦ୍-ଭଜନ ଓ ଭକ୍ତିରୁ ବୈରାଗ୍ୟ ଜାତ ହୁଏ, ମାୟା-ମୋହ ବିଦୂରିତ ହୋଇ ଦିବ୍ୟଜ୍ଞାନର ସ୍ଫୁରଣ ହୁଏ । ସେହି ଜ୍ଞାନର ଅଭ୍ୟାସ ଦ୍ୱାରା

"ଆନନ୍ଦ ରସ ପାଇ ନିତି । ଚିତ୍ତେ ପ୍ରବେଶ ହୋଏ ଶାନ୍ତି ।

ପରମ ଶାନ୍ତି ଭଜେ ଭଲେ । ତୃତୀୟ ତାପୁଁ ସେ ନିସ୍ତରେ ।"

(୧୧।୨।୪୩)

ସାଂସାରିକ ବିଷୟ ପ୍ରତି ଅନାସକ୍ତ ରହି ସାଧୁ-ସଙ୍ଗ ଓ ସାଧୁ ସେବା ସଙ୍ଗେ ସଙ୍ଗେ ସ୍ଥାବର-ଜଙ୍ଗମ ସମସ୍ତଙ୍କ ପ୍ରତି ଦୟାଭାବ ଓ ମିତ୍ରଭାବ ରଖିବା ଜ୍ଞାନୀର ଲକ୍ଷଣ । ଶୌଚ, ତପ, ବ୍ରହ୍ମଚର୍ଯ୍ୟ, ମୌନ, ବେଦ ଅଧ୍ୟୟନ, ଅହିଂସା, ଦୟା, ସୁଖ-ଦୁଃଖରେ ସମଭାବ ପୋଷଣ କରି ନିର୍ଲେପ ବା ଅନାସକ୍ତ ଭାବରେ ସ୍ୱାଭାବିକ କର୍ମ କରିବା, ଈଶ୍ୱରଙ୍କ କୃପାରୁ ଯାହାକିଛି ପ୍ରାପ୍ତ ହେବ ତହିଁରେ ଉଦର ପୋଷଣଦ୍ୱାରା ଜୀବନ ଧାରଣ କରିବା, ଜଗତକୁ ବିଷ୍ଣୁମୟ ଦେଖି ଦେହାଦିଭାବରେ ଉଦାସୀନ ରହିବା, ନିଷ୍କାମ ଭାବରେ କର୍ମ କରି ସମସ୍ତ ଆତ୍ମପ୍ରିୟ ବିଷୟ କୃଷ୍ଣଙ୍କୁ ସମର୍ପିଦେବା ସତ୍ୟନିଷ୍ଠ ରହି ଅନ୍ୟ ଶାସ୍ତ୍ରର ନିନ୍ଦା ନ କରି ଭାଗବତ ପରି ପରମ ଆଧ୍ୟାତ୍ମିକ ଶାସ୍ତ୍ରର ଅଭ୍ୟାସ କରିବାକୁ ଋଷି ପ୍ରବୁଦ୍ଧଙ୍କ ମୁଖରେ କୁହାଯାଇଛି ।

କର୍ମ ରୂପକ ବୀଜ ହିଁ ସଂସାର ବୃକ୍ଷର ହେତୁ । ପାପ ଓ ପୁଣ୍ୟ କର୍ମର ରସ (ଜଳ) ପାଇ ସେଥିରେ ବିଭୋଗ (ବିଷୟ ଭୋଗ) ଓ ମୁକ୍ତି ରୂପକ ପୁଷ୍ପ-ଫଳାଦି ଜାତ ହୋଇଥାଏ । ଅନନ୍ତ ବାସନା ଏ ବୃକ୍ଷର ମୂଳ, ତ୍ରିଗୁଣ (ସତ୍ତ୍ୱ, ରଜ, ତମ) ତିନି ନାଳ, ପଞ୍ଚଭୂତ ଏହାର ପଞ୍ଚ ସ୍କନ୍ଧ ଓ ଇନ୍ଦ୍ରିୟଗଣ ଶାଖା, ଇନ୍ଦ୍ରିୟବିଷୟସମୂହ ଏହାର ରସ ଓ ବାତ-ପିତ୍ତ-କଫ ଏହାର ବଲ୍କଳ । ମାୟା-ବଣରେ ଥିବା ଏହି ବୃକ୍ଷରେ ଜୀବ ଓ ପରମ ଦୁଇ ପକ୍ଷୀ ସବୁବେଳେ ବସିଥା'ନ୍ତି । ଗୋଟିଏ ପକ୍ଷୀ (ଜୀବ) ବୃକ୍ଷର ଫଳକୁ ଖାଇ ସବୁବେଳେ ମତ୍ତଭୋଳ ଅବସ୍ଥାରେ ଥାଏ ଓ ନାନା ଘରେ (ବିବିଧ ଶରୀରରେ) ପ୍ରବେଶ କରିଥାଏ, ଅର୍ଥାତ୍ ବାରମ୍ବାର ସଂସାରରେ ଜନ୍ମ ନେଇଥାଏ, କାଳରୂପକ କିରାତର ଜାଲରେ ପଡ଼ିଥାଏ । ଅନ୍ୟ ପକ୍ଷୀଟି (ପରମ) କେବଳ ସାକ୍ଷୀ ରୂପରେ ତାକୁ ଲକ୍ଷ୍ୟ କରୁଥାଏ । ଅନ୍ୟତ୍ର ମଧ୍ୟ ଜୀବର ବନ୍ଧ ଓ

ମୁକ୍ତ ଅବସ୍ଥାକୁ ବୁଝାଇବା ପାଇଁ ଏକ ବୃକ୍ଷରେ ବାସ କରୁଥିବା ଦୁଇ ପକ୍ଷୀ ରୂପକର ଆଶ୍ରୟ ନିଆଯାଇଛି । ପରସ୍ପରର ଏକାନ୍ତ ମିତ୍ର ଏ ଦୁଇ ପକ୍ଷୀଙ୍କ ମଧ୍ୟରୁ ଗୋଟିଏ ଅଜ୍ଞାନ ଓ ଲୋଭର ବଶବର୍ତ୍ତୀ ହୋଇ ବୃକ୍ଷର ଫଳମାନ ଭକ୍ଷଣ କରିଥାଏ । ଅନ୍ୟଟି ଉପବାସ ରହି ନିର୍ଲେପ, ନିରଞ୍ଜନ, ଆତ୍ମପର-ଭେଦବୁଦ୍ଧିରହିତ, ସମଦର୍ଶୀ ଓ ନିତ୍ୟ ଆନନ୍ଦମୟ ଅବସ୍ଥାରେ ରହିଥାଏ–

"ପରମ ପରମଆନନ୍ଦୀ । ଅବିଦ୍ୟା ସଙ୍ଗେ ଜୀବ ବନ୍ଦୀ ।"

(୧୧।୧୨।୮)

ଫଳ ଭୁଞ୍ଜୁଥିବା ପ୍ରଥମ ପକ୍ଷୀଟି ଜୀବ ଓ ସାକ୍ଷୀ ରୂପରେ ରହିଥିବା ପକ୍ଷୀଟି ପରମାତ୍ମା। ଅନ୍ୟତ୍ର ମଧ୍ୟ କୁହାଯାଇଛି—

"କାର୍ଯ୍ୟ କାରଣ କର୍ତ୍ତା ରୂପେ । ଜଗତ ମଧ୍ୟେ ଯେହୁ ବ୍ୟାପେ ।
ପରମବ୍ରହ୍ମ ସତ୍ୟ ସେହି । ଉଦ୍ଧବ ସାକ୍ଷୀ ରୂପେ ଥାଇ ।"

(୧୧।୨୯।୨୧)

ଅବଶ୍ୟ ଏହାର ମୂଳ ପ୍ରେରଣା 'ଋଗ୍‌ବେଦ'ରେ ନିହିତ ।

"ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟା ସମାନଂ ବୃକ୍ଷଂ ପରି ଷସ୍ୱଜାତେ ।
ତୟୋରସ୍ୟ ପିପ୍ପଳଂ ସ୍ୱାଦ୍ୱତ୍ୟନଶ୍ରନ୍ନୟୋ ଅଭିଚାକଶୀତି ।"

(ଋଗ୍‌ବେଦ,୧।୧୬୪।୨୦)

ସାଥିରେ ରହୁଥିବା ମିତ୍ରଙ୍କ ପରି ଦୁଇଟି ପକ୍ଷୀ (ଜୀବାତ୍ମା ଓ ପରମାତ୍ମା) ଗୋଟିଏ ବୃକ୍ଷ (ପ୍ରକୃତି ବା ଶରୀର) ଉପରେ ରହିଛନ୍ତି । ଗୋଟିଏ ପକ୍ଷୀ (ଜୀବାତ୍ମା) ଲାଳସା ବୃକ୍ଷର ସ୍ୱାଦିଷ୍ଟ ଫଳ ଖାଉଥିଲେ ହେଁ ଅନ୍ୟଟି (ପରମାତ୍ମା) ଖାଉ ନାହିଁ । କେବଳ ଦ୍ରଷ୍ଟା ରୂପେ ରହିଛି ।

'ନିର୍ଲେପ ପ୍ରଭୁ ଭଗବାନ' (ବ୍ରହ୍ମ)ଙ୍କର ସଂସାର-କ୍ରୀଡ଼ା କରିବାର ଇଚ୍ଛା ହେତୁ ତାଙ୍କରି ମାୟାରୁ ତ୍ରିଗୁଣାତ୍ମିକା ପ୍ରକୃତି, ମହତ୍ତତ୍ତ୍ୱାଦି ଜଗତ୍‌ସୃଷ୍ଟିର ଉପାଦାନ ଉତ୍ପନ୍ନ । ପଞ୍ଚଭୂତାତ୍ମକ ଶରୀର, ଦଶ ଇନ୍ଦ୍ରିୟ ଓ ମନ, ଇନ୍ଦ୍ରିୟ ବିଷୟସମୂହ ସବୁ ସେହି ମାୟାରୁ ପ୍ରକାଶିତ । ଈଶ୍ୱର ନିର୍ଲେପ ନିରଞ୍ଜନ ରୂପରେ ଜୀବର ସମୀପରେ,

ତା'ର ଅନ୍ତରରେ ସାକ୍ଷୀ ରୂପରେ ଜଳ ମଧ୍ୟସ୍ଥ ନଳିନୀଦଳ ପରି ନିର୍ଲିପ୍ତ ଭାବରେ ରହିଥା'ନ୍ତି । କିନ୍ତୁ ଜୀବ ମାୟା-ମୋହରେ ପଡ଼ିଥାଏ ଓ ଇନ୍ଦ୍ରିୟପରାୟଣ ହୋଇ ନାନା ଭୋଗରେ ମଜ୍ଜିଥାଏ–

"ଦେହରେ କରେ ଅହଂକାର । ବୋଲଇ ସର୍ବ କର୍ମ ମୋର ।
ଏଣୁ ସେ କର୍ମର ଅଧୀନେ । ପଡ଼ଇ ଶରୀର ବନ୍ଧନେ ।
ବୋଲଇ କରୁଅଛି ମୁହିଁ । ମୋ ତହୁଁ କର୍ତ୍ତା ଭିନ୍ନ ନାହିଁ ।
ଦେହ ବନ୍ଧନେ ହୋଇ ଭ୍ରମ । କରଇ ନାନା ମତେ କର୍ମ ।
ଭବବନ୍ଧନେ ଏହି ମତେ । ଭ୍ରମଇ ସୁଖଦୁଃଖ ପଥେ ।" (୧୧।୪।୭)

ସଂସାରୀ ମଣିଷ ମଧ୍ୟ ଧର୍ମ-ଅଧର୍ମର ବିବେଚନା କରି ଜୀବନଯାପନ କରିବା ଆବଶ୍ୟକ । କାମ, କ୍ରୋଧ, ଦମ୍ଭ, ଲୋଭ, ଚୌର୍ଯ୍ୟ, ହିଂସା ଆଦି ପରିହାର କରି ସତ୍ୟ ଓ ପ୍ରିୟ କଥା କହିବା, ସକଳ ପ୍ରାଣୀଙ୍କ ପ୍ରତି ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର ସହିତ ହିତକର କାର୍ଯ୍ୟରେ ରତ ରହିବା ହିଁ ବ୍ରାହ୍ମଣଠାରୁ ଶୂଦ୍ର ପର୍ଯ୍ୟନ୍ତ ସକଳ ବର୍ଣ୍ଣର ସ୍ୱଧର୍ମ (ସ୍ୱାଭାବିକ କର୍ତ୍ତବ୍ୟ) ବୋଲି ଭାଗବତରେ କୁହାଯାଇଛି । (୧୧।୮।୨୦) ଧର୍ମ-ଅଧର୍ମ ସଂପର୍କରେ ନିମିଙ୍କ ପ୍ରଶ୍ନର ଉତ୍ତରରେ ଚମସ ଋଷି କହିଛନ୍ତି ଯେ, ସାଧୁ-ସଂସର୍ଗରେ ଅଧମ ରୂପେ ପରିଗଣିତ ମଣିଷମାନେ ମଧ୍ୟ ମୁକ୍ତି ପାଇଥା'ନ୍ତି । ମାତ୍ର ବ୍ରାହ୍ମଣ କୁଳରେ ଜାତ ହୋଇ ମଧ୍ୟ ବଂଶମର୍ଯ୍ୟାଦା, ଧନସମ୍ପଦ, ବିଦ୍ୟା ଆଦିର ଅହଂକାର ଘେନି ଉତ୍କୃଷ୍ଟ ଓ ନିକୃଷ୍ଟ ମାର୍ଗ ବିଷୟରେ ଅପଳାପ କରୁଥିବା, ସଭାରେ କୌତୁକ କଥାମାନ କହି ହସିହସାଇ ମନ ମୋହୁଥିବା, ଅଳ୍ପ କଥାରେ କ୍ରୋଧ କରୁଥିବା, ଅସାଧୁସଙ୍ଗ କରି ଦାମ୍ଭିକପଣରେ ବିଷ୍ଣୁଭକ୍ତଙ୍କୁ ପରିହାସ କରୁଥିବା, କୁବୁଦ୍ଧିବଶତଃ ମଦ୍ୟ-ମାଂସାଦି ଭକ୍ଷଣ, ନାରୀସେବନ, ଧନସଞ୍ଚୟ, ପଶୁହିଂସା ଆଦି କୁତ୍ସିତ ବିଷୟରେ ରତ ରହୁଥିବା ବ୍ୟକ୍ତିର ପତନ ଅବଶ୍ୟମ୍ଭାବୀ । କାମବାସନା ପାଇଁ ନୁହେ, କେବଳ ସଂସାରଧର୍ମ ନିର୍ବାହ ଓ ସନ୍ତାନ ଉତ୍ପାଦନ ପାଇଁ ସ୍ତ୍ରୀ-ସଙ୍ଗ କରିବା ଧର୍ମାନୁମୋଦିତ । ପଶୁବଧ ମହାପାପ । ତା'ର ଫଳ ଅତି ବିଷମ । ସକଳ ଜୀବଙ୍କ ଦେହରେ ଭଗବାନ ଆତ୍ମା ରୂପରେ ସମ ଭାବରେ ବିରାଜିତ । (୧୧।୬।୧୫) ତେଣୁ ଅମୃତ ତୁଲ୍ୟ ବିନୟପୂର୍ଣ୍ଣ ବଚନରେ ସମସ୍ତଙ୍କୁ ତୁଷ୍ଟ କରିବା

ଉଚିତ । (୧୧।୨।୪୧) ଗାର୍ହସ୍ଥ୍ୟ ଆଶ୍ରମରେ ରହି ମଧ୍ୟ ମୋହଗ୍ରସ୍ତ ନ ହେବା ପାଇଁ ଉପଦେଶ ଦିଆଯାଇଛି–

"ଏ ସୁତ ଦାରା ବନ୍ଧୁ ସଙ୍ଗ । ଯେସନ ସମୁଦ୍ର ତରଙ୍ଗ ।
ପଥିକ ଯେହ୍ନେ ବୃକ୍ଷ ତଳେ । ଶ୍ରମେ ମିଳନ୍ତି ଏକ ମେଳେ ।
ଶ୍ରମ ସାରିଲେ ଯେଝା ମତେ । ଚଳନ୍ତି ବୃକ୍ଷ ଛାଡ଼ି ପଥେ ।
ଯେସନେ ପ୍ରାଣୀ ନିଦ୍ରାଗତେ । ସମ୍ପଦ ଦେଖେ ସ୍ୱପ୍ନଗତେ ।
ଏହି ପ୍ରକାରେ ଗୃହବାସ । ଏଣେ ନ କରିବ ବିଶ୍ୱାସ ।" (୧୧।୧୮।୪୯)

ତେଣୁ ଗୃହବାସରେ ଥାଇ ମଧ୍ୟ ନିଜକୁ ଅତିଥି ମନେକରି 'ମୋର-ମୋର' କହୁ ନ ଥିବା ଓ ମାୟାମୟ ସଂସାରରେ ଅହଂକାର ପୋଷଣ କରୁ ନ ଥିବା ବ୍ୟକ୍ତି ଗୃହୀ ହେଲେ ହେଁ ବନ୍ଧନରେ ପଡ଼ି ନ ଥାଏ ।

ଭାଗବତରେ ଉଦ୍ଧବଙ୍କ ଉକ୍ତି ମଧ୍ୟରେ ସଂସାର-ବନ୍ଧନରୁ ମୁକ୍ତ ହୋଇ ପରମଆନନ୍ଦମୟ ସ୍ଥିତିରେ ରହିବାକୁ ଅଭିଳାଷୀ ପ୍ରତ୍ୟେକ ମଣିଷର ବ୍ୟାକୁଳତା ପ୍ରକାଶିତ । ମୁଁ, ମୋର ଶରୀର, ମୋର ସଂସାର ଆଦି ଭାବନାରେ ଜଡ଼ିତ ଥିବାରୁ ମନୁଷ୍ୟ କୈବଲ୍ୟ ବା ମୁକ୍ତିରୁ ବଞ୍ଚିତ ହୋଇଥାଏ । (୧୧।୮।୧୭) ଆତ୍ମା ସ୍ୱଭାବତଃ ନିତ୍ୟମୁକ୍ତ । ଅବିଦ୍ୟା ହେତୁ ହିଁ ଜୀବ ବନ୍ଧନରେ ପଡ଼ିଥାଏ; ମାୟା ଓ ଅହଂକାରର ବଶବର୍ତ୍ତୀ ହୋଇ ହୀନ ଓ ମନ୍ଦ କର୍ମ କରି ତା'ର ଫଳ ଭୋଗ କରିବା ପାଇଁ ବାରମ୍ବାର ଜନ୍ମ-ମୃତ୍ୟୁ ପଥରେ ଗତି କରିଥାଏ । ଭଗବାନ୍ ଉଦ୍ଧବଙ୍କୁ ପ୍ରବୃତ୍ତି ଧର୍ମ ଓ ନିବୃତ୍ତି ଧର୍ମ ବିଷୟ ବୁଝାଇଛନ୍ତି । ପ୍ରବୃତ୍ତିମାର୍ଗ ଅବଲମ୍ବନ କରି ସାଧାରଣ ସଂସାରୀ ମଣିଷ ଆରମ୍ଭ କରିଥିବା ଯାବତୀୟ କାର୍ଯ୍ୟ ପରିଣାମରେ ବିପର୍ଯ୍ୟୟରେ ପରିଣତ ହୋଇଥାଏ । କାରଣ ସମସ୍ତ ଜଗତ ମାୟାମୟ ବା 'ସର୍ବବିକାର'–

"ଆରମ୍ଭମାନ ବିପର୍ଯ୍ୟୟ । ସର୍ବବିକାର ମାୟାମୟ ।
ସ୍ୱପନେ ନାନା ଉପଭୋଗ । ସେ ଯେହ୍ନେ ଆତ୍ମାର ସଂଯୋଗ ।
ମଣଇ ସତ୍ୟ ପ୍ରାୟେ ତାହା । ଦୃଷ୍ଟି ଶ୍ରବଣେ ସର୍ବ ମାୟା ।
ଯେତେ ଦେଖଇ ନାନା ରଙ୍ଗେ । ବିଫଳ ହୋଏ ନିଦ୍ରାଭଙ୍ଗେ ।"
(୧୧।୧୧।୨୩)

ତେଣୁ ପ୍ରବୃତ୍ତି ମାର୍ଗ ଛାଡ଼ି  ନିବୃତ୍ତି ମାର୍ଗରେ ଅଗ୍ରସର ହେବା ପାଇଁ ଭଗବାନ ଉପଦେଶ ଦେଇଛନ୍ତି ।

ଦେହ ଅସତ୍ୟମୟ ହେଲେ ହେଁ ତାକୁ ସତ୍ୟ-ସାଧନର ଉପାୟ ରୂପେ ବ୍ୟବହାର କରି ଜ୍ଞାନୀଜନ ଗହନ ସଂସାରରୁ ମୁକ୍ତ ହୋଇ ଈଶ୍ୱରଙ୍କୁ ଲାଭ କରିବାରେ ସମର୍ଥ ହୋଇଥା'ନ୍ତି । (୧୧।୩୦।୨୨)

ଜୀବାତ୍ମା ସ୍ୱଭାବତଃ ନିର୍ଗୁଣ, ନିରଞ୍ଜନ, ଈଶ୍ୱରସ୍ୱରୂପ ହେଲେ ହେଁ ଅବିଦ୍ୟା ହେତୁ ବନ୍ଧନରେ ପଡ଼ି ନାନା କର୍ମ କରିଥାଏ । ଅର୍ଜୁନ କର୍ମ ଓ କର୍ମସନ୍ନ୍ୟାସ ଯୋଗ ବିଷୟକ ଦ୍ୱନ୍ଦ୍ୱରେ ପଡ଼ି ଭଗବାନଙ୍କଠାରୁ ସମାଧାନ ଲୋଡ଼ିଥିଲେ । ଉଦ୍ଧବ ମଧ୍ୟ କେଉଁ କର୍ମ କରିବାଦ୍ୱାରା ଓ କେଉଁ କର୍ମ ତ୍ୟାଗ କରିବାଦ୍ୱାରା ପ୍ରାଣୀମାନେ ସଂସାରରୁ ତରି ପାରିବେ ବୋଲି ପ୍ରଶ୍ନ କରିଛନ୍ତି । ନିଜର ମୂଢ଼ପଣ ହେତୁ ପଥ ହୁଡ଼ି ସଂସାର-କୂପରେ ପଡ଼ି କାଳସର୍ପର ଦଂଶନରେ ମୁହୂର୍ମୁହୂ ପୀଡ଼ା ସହି ତା' ଭିତରୁ ବାହାରିବାକୁ ଚାହୁଁଥିବା ମଣିଷଙ୍କର ବ୍ୟାକୁଳ ଜିଜ୍ଞାସା ପ୍ରକାଶ ପାଇଛି ଉଦ୍ଧବଙ୍କ ମୁଖରେ । କୁରୁକ୍ଷେତ୍ର-ଯୁଦ୍ଧର ଅବସାନ ପରେ ଜ୍ଞାତି-କୁଳକ୍ଷୟରେ ବ୍ୟାକୁଳହୃଦୟ ଯୁଧିଷ୍ଠିରଙ୍କୁ ଶରଶଯ୍ୟାଶାୟୀ କୁରୁବୃଦ୍ଧ ଭୀଷ୍ମ ମୋକ୍ଷଧର୍ମ ସଂପର୍କରେ ଯାହା କହିଥିଲେ, ଭଗବାନ୍ ଉଦ୍ଧବଙ୍କୁ ତାହା ବୁଝାଇଛନ୍ତି ।

ବିଦେହରାଜ ନିମି କର୍ମଯୋଗ ବିଷୟରେ ପଚାରିବାରୁ ମୁନି ଆବିହୋତ୍ର କର୍ମ, ବିକର୍ମ ଓ ଅକର୍ମ ସଂପର୍କରେ ବ୍ୟାଖ୍ୟା କରିଥିଲେ । ବେଦର ନିର୍ଦ୍ଦେଶ ଅନୁଯାୟୀ ଉତ୍ତମଫଳ-ପ୍ରଦାୟକ କାର୍ଯ୍ୟମାନ ଅନୁଷ୍ଠାନ କରିବା ହିଁ କର୍ମ । ଅଜିତେନ୍ଦ୍ରିୟ ମନୁଷ୍ୟ ବେଦ-ବାକ୍ୟ ଅଗ୍ରାହ୍ୟ କରି ମୂର୍ଖପଣରେ ଯେଉଁ କର୍ମ କରନ୍ତି, ତାହା ବିକର୍ମ । ବେଦ-ବିହିତ ମାର୍ଗ ପରିତ୍ୟାଗ କରି ପାଷାଣ୍ଡ ଗୁରୁମାନଙ୍କ କଥାରେ ଯେଉଁମାନେ ଇତସ୍ତତଃ ଭିନ୍ନ ମାର୍ଗରେ ପରିଚାଳିତ ହୋଇ ବିଭ୍ରାନ୍ତ କର୍ମ କରିଥା'ନ୍ତି, ତାହା ଅକର୍ମ । ମଦ୍ୟ-ମାଂସାଦି ଭୋଜନ, ସନ୍ତାନୋପତ୍ତିର ଉଦ୍ଦେଶ୍ୟ ନ ଥାଇ କାମୋପଭୋଗ ନିମନ୍ତେ ଯୌନଚର୍ଯ୍ୟା କରିବା ବେଦବିହିତ ନୁହେଁ ବୋଲି କୁହାଯାଇଛି । ସୁକର୍ମ-କୁକର୍ମର ବିଚାର କରି ବିଧି-ନିଷେଧ ଅନୁଯାୟୀ କର୍ମ କରିବା ଆବଶ୍ୟକ । ଜୀବବଧ ମହାପାପ; ତା'ର ଫଳ ଅତି ବିଷମ । ଈଶ୍ୱର ସକଳ

ଜୀବଙ୍କ ଶରୀରରେ ଆତ୍ମା ରୂପରେ ବିଦ୍ୟମାନ ରହିଥା'ନ୍ତି । ବିବେକୀ ଧୀର ପଣ୍ଡିତଗଣ ସାଂଖ୍ୟଯୋଗ ମତେ ସର୍ବଭୂତରେ ଏକ ହିଁ ଆତ୍ମାର ସ୍ଥିତି ଅନୁଭବ କରିଥା'ନ୍ତି—

"ଈଶ୍ୱର ଅଛି ସର୍ବଭୂତେ
ଏ ଅନୁମାନ କରେ ଚିତ୍ତେ ।" (୧୧।୮।୨୩)

ମୁଁ, ମୋର ଶରୀର, ମୋର ସଂସାର ଆଦି ମୋହ ଚିତ୍ତକୁ ଜଡ଼ିତ କରି ରଖିଥିବାରୁ ମନୁଷ୍ୟ କୈବଲ୍ୟରୁ ବଞ୍ଚିତ ହୋଇଥାଏ ବୋଲି ଉଦ୍ଧବ ସ୍ୱୀକାର କରିଥିଲେ । ଭକ୍ତ ଉଦ୍ଧବଙ୍କୁ ଉପଦେଶ ଦେବା ଅବସରରେ ଭଗବାନ୍ ସୂଚାଇଛନ୍ତି ଯେ ଅତୀତରେ ବ୍ରହ୍ମାଙ୍କର ମାନସପୁତ୍ର ସନକାଦି ଋଷିମାନେ ଦୁସ୍ତର ଭବସାଗରରେ ନିମଜ୍ଜମାନ ମାୟାମୋହାଚ୍ଛନ୍ନ ପ୍ରାଣୀମାନଙ୍କର ଅବସ୍ଥା ଲକ୍ଷ୍ୟ କରି ସେ ସଂପର୍କରେ ପ୍ରଶ୍ନ କରିବାରୁ ବ୍ରହ୍ମା ଧ୍ୟାନସ୍ଥ ହୋଇଥିଲେ । ଭଗବାନ୍ ବିଷ୍ଣୁ ଧ୍ୟାନମଗ୍ନ ବ୍ରହ୍ମାଙ୍କୁ ହଂସ ରୂପରେ ଦର୍ଶନ ଦେଇ ସେହି ସଂଶୟର ନିରଶନ କରିଥିଲେ । ମାୟାମୟ ଜଗତରେ ପଞ୍ଚଭୂତରେ ଗଠିତ ଦେହମାନ ଭିନ୍ନଭିନ୍ନ ପ୍ରତୀତ ହେଉଥିଲେ ହେଁ "ସକଳ ଦେହେ ଏକ ଧର୍ମ / ସକଳ ଦେହେ ଏକ ବ୍ରହ୍ମ" (୧୧।୧୪।୨୨) । ଆତ୍ମା ବ୍ରହ୍ମଙ୍କଠାରୁ ଅଭିନ୍ନ । ସକଳ ଦେହରେ, ସକଳ ବିଷୟରେ ଈଶ୍ୱର ପୂରି ରହିଥା'ନ୍ତି ।

ଇନ୍ଦ୍ରିୟ-ଭୋଗ ସ୍ଥୂଳ ଶରୀର, ଭାବନାଶରୀର ଓ ମାନସ ଶରୀରର ବିଷୟ । ଏସବୁ ତ୍ରିଗୁଣ ସହ ସଂପୃକ୍ତ; ଆତ୍ମାର ଏଥିସହିତ କୌଣସି ସମ୍ବନ୍ଧ ନ ଥାଏ । ଦୁର୍ଜୟ ବିଷୟ-ବାସନାରେ ଦୃଢ଼ଭାବରେ ଜଡ଼ିତ ମନ ତ୍ରିଗୁଣର ରଜ୍ଜୁରେ ଆବଦ୍ଧ ଥିବାରୁ ଭୋଗାସକ୍ତ ହୋଇଥାଏ । ମନୁଷ୍ୟ ଜୀବନରେ ମନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଭାଗବତରେ ସ୍ୱୀକାର କରାଯାଇଛି—

"ମନ ବିଳାସ ଏ ଜଗତ । ଗଗନେ ବିଜୁଳି ଯେମନ୍ତ ।
ଅତି ଚଞ୍ଚଳ ଅତି ଲୋଳ । ଯେସନେ ପ୍ରକାଶେ ଅନଳ ।"

(୧୧।୧୪।୩୩)

ମାତ୍ର ଈଶ୍ୱର-ଚରଣାଶ୍ରିତ ହେଲେ ବିଷୟ-ବାସନା ଓ ତ୍ରିଗୁଣର ମାୟା ମନୁଷ୍ୟର ମନକୁ ଆକୃଷ୍ଟ ଓ ଆବଦ୍ଧ କରି ପାରେ ନାହିଁ । ସାଧୁଜନଙ୍କ ମୁଖର ଅମୃତବାଣୀ ରୂପକ ଖଡ୍‌ଗରେ ଗୁରୁବାକ୍ୟ ଅନୁସାରେ ଚିତ୍ତର ବଢ଼ିମା ଭାବ ଓ ମନର ସଂଶୟକୁ ଛେଦନ କରି, ବାସନାର ବିଭ୍ରମ ଏଡ଼ାଇ ସୁଖ-ଦୁଃଖ ହର୍ଷ-ବିଷାଦ ଆଦି ଆପାତ ବିରୋଧୀ ଅନୁଭବର ଊର୍ଦ୍ଧ୍ୱକୁ ଉଠିଲେ ଭେଦ-ଦୃଷ୍ଟି ଦୂର ହୋଇଯାଏ । ଭେଦ-ଭାବ ଦୂର ହୋଇଗଲେ ଆତ୍ମାକୁ ଅନୁଭବ କରିହୁଏ—

"ଏ ଦୃଷ୍ଟି ନିବର୍ତ୍ତଇ ଯେବେ । ଆତ୍ମା ପ୍ରକାଶ ହୋଏ ତେବେ ।"

ଆତ୍ମାନୁଭୂତିର ସୁଖ ପୂର୍ଣ୍ଣତାର ଅନୁଭବ ଦିଏ । ତେଣୁ ଅନନ୍ତ ପ୍ରକାରର ବାସନା ଦୂର ହୋଇଯାଏ । ଆତ୍ମଦର୍ଶୀ ସମସ୍ତ ଚେଷ୍ଟାରୁ ବିରତ ହୋଇ ଆନନ୍ଦ-ସାଗରରେ ବିହାର କରନ୍ତି । (୧୧।୧୪।୩୪)

ମାଡ଼-ଗାଳି ଖାଇ ମଧ୍ୟ କୁକୁର ଅଇଁଠା ଖାଇବା ପାଇଁ ବାରମ୍ବାର ଆସିଲା ପରି, ଗଧୁଣୀଠାରୁ ବାରମ୍ବାର ଗୋଇଠା ଖାଇ ମଧ୍ୟ ଗଧ ତା' ପାଖକୁ ଧାଇଁଲା ପରି, ପ୍ରାଣ-ନାଶର ଭୟ ଥିଲେ ହେଁ ଛେଳି ପତ୍ର ଖାଇବା ଲୋଭରେ ପୂଜା-ସ୍ଥାନକୁ ଗଲା ପରି ସାଂସାରିକ ମାୟାରେ ପଡ଼ି ମନୁଷ୍ୟ ହନ୍ତସନ୍ତ ହୋଇଥାଏ । ଶାସ୍ତ୍ରର ଉକ୍ତି ତଥା ଗୁରୁଙ୍କ ବାକ୍ୟରୁ ବିଷୟ-ଲାଳସାର କୁପରିଣାମ ଜାଣି ମଧ୍ୟ ଲୋକମାନେ କାହିଁକି ସେଥିପ୍ରତି ଆକୃଷ୍ଟ ହୁଅନ୍ତି ବୋଲି ଉଦ୍ଧବ ପଚାରିଥିଲେ । ଭଗବାନ୍ ଉତ୍ତର ଦେଇଥିଲେ ଯେ ଅହଂକାର, ଦେହାଭିମାନ ଆଦି ରଜୋଗୁଣରୁ ଉଦ୍ଭୂତ ଭାବ ହିଁ ବୁଦ୍ଧିଭ୍ରଂଶ କରାଇ ମନୁଷ୍ୟକୁ ନାନାପ୍ରକାର କାମନା-ବାସନାର ବଶବର୍ତ୍ତୀ କରାଇଥାଏ । ତାହାର ପରିଣାମରେ ଦୁଃଖ ଭୋଗ ହିଁ ସାର ହୋଇଥାଏ । ତେଣୁ ଈଶ୍ୱର-ସମର୍ପିତ ଭାବ ଘେନି ମନକୁ ବିଷୟ-ରସରୁ ନିବର୍ତ୍ତାଇ ଆନନ୍ଦ ରୂପକ ରଜ୍ଜୁରେ ଈଶ୍ୱରଙ୍କ ପାଦ-କମଳରେ ବାନ୍ଧିବା ଆବଶ୍ୟକ । (୧୧।୧୪।୧୩)

କାରାଗୃହରେ ଶୃଙ୍ଖଳରେ ବନ୍ଧା ହୋଇ ରହିଥିବା ଲୋକ ପରି କର୍ମ ଓ କର୍ମଫଳ ଭୋଗର ବନ୍ଧନରେ ଆବଦ୍ଧ ପ୍ରାଣୀର କୌଣସି ସ୍ୱାତନ୍ତ୍ର୍ୟ ନ ଥାଏ । ବୃଥା ମୋହରେ ପଡ଼ି ସେ ଦାରୁଣ ଦୁଃଖକୁ ସୁଖ ବୋଲି ମନେ କରିଥାଏ । ଆଶା ବା କାମନା-ବାସନା ପରମ ଦୁଃଖର କାରଣ; ବୈରାଗ୍ୟ ଓ ହରି-ଚରଣ-ସେବା ହିଁ

ପରମ ସୁଖ ଦିଏ ବୋଲି ଅବଧୂତ କହିଛନ୍ତି । (୧୧/୯/୪୨) ସତ୍ୟ ବୋଲି ଆଭାସିତ ହେଉଥିବା ସଂସାରର ସବୁକିଛି ଅବାସ୍ତବ (ଅବସ୍ତୁ) ଓ ସର୍ବତ୍ର ବିଷ୍ଣୁମୟ ବୋଲି ଦେଖିବାକୁ ହେବ । ସକଳ ସାଂସାରିକ ବିଷୟରେ ଉଦାସୀନ ରହି ତତ୍ତ୍ୱଜ୍ଞାନ ବଳରେ ଦେହାଭିମାନଶୂନ୍ୟ ହୋଇ ଆତ୍ମାର ସ୍ୱରୂପ ଲକ୍ଷ୍ୟ କରିବାକୁ ହେବ । ଯୋଗସୂତ୍ର ନିର୍ଦ୍ଦେଶିତ ଯମ ଓ ନିୟମର ଅଭ୍ୟାସ, ସାଧୁସଙ୍ଗ ଓ ସାଧୁ-ସେବା, ଧର୍ମକାର୍ଯ୍ୟ ସାଧନ, ଗୁରୁ-ଭକ୍ତି, ମଦ-ମାତ୍ସର୍ଯ୍ୟାଦି ଷଡ଼ରିପୁଙ୍କର ଦମନ ସହିତ ନିଜର ପ୍ରାଣ ସମେତ ସର୍ବସ୍ୱ ଈଶ୍ୱରଙ୍କଠାରେ ସମର୍ପଣ କରି ନିରନ୍ତର ଭଗବଦ୍‌ଭାବନାରେ ମଗ୍ନ ରହିବାକୁ ହେବ । ପୁଣି,

"ଜ୍ଞାନ ଅଭ୍ୟାସି ଅବିରତ । ଚଞ୍ଚଳ ନ କରିବ ଚିତ୍ତ ।
ସମତା ଦୃଷ୍ଟି ସତ୍ୟଭାଷା । ଏଣେ କରିବ ନିତ୍ୟେ ଆଶା ।"

(୧୧।୧୧।୬)

ଚିତା-ତିଳକାଦି ଦେଖି କାହାକୁ ସାଧୁ ବୋଲି ଭାବିବା ଅନୁଚିତ । ଭଗବାନ୍ ଉଦ୍ଧବଙ୍କୁ କହିଛନ୍ତି ଯେ ସମଦର୍ଶିତା, ସତ୍ୟସନ୍ଧତା, ଶୁଦ୍ଧମତି, ବିବେକବତ୍ତା, ଦ୍ରୋହଶୂନ୍ୟତା, ଶାନ୍ତ ସ୍ୱଭାବ, ତ୍ୟାଗ, ଧୈର୍ଯ୍ୟ, କୃପାଶୀଳତା, ସର୍ବଲୋକହିତୈଷଣା, ଶୁଚିମତ୍ତା, ଦୃଢ଼ବ୍ରାତ୍ୟ, ଅଳ୍ପାହାର, ଧର୍ମରେ ସ୍ଥିରତା, ମୃଦୁତା, ପ୍ରସନ୍ନତା, ଅମାନିତ୍ୱ, ମାନଦତା ବା ଅନ୍ୟ ପ୍ରତି ସମ୍ମାନ ପ୍ରଦର୍ଶନ, ମୈତ୍ରୀଭାବ, ଶୁଦ୍ଧବୁଦ୍ଧି, ସୁକଲ୍ୟ ବା ଅନ୍ୟକୁ ପ୍ରବୋଧନା ଦେବାର ଦକ୍ଷତା, କ୍ଷୁଧା-ତୃଷାଦି ଷଡ଼ଗୁଣଜୟୀ, ଅପ୍ରମାଦିତ୍ୱ, ଚିତ୍ତର ଗଭୀରତା, ବୁଦ୍ଧିର ସ୍ଥିରତା, ସର୍ବୋପରି ଈଶ୍ୱରଶରଣାଗତି ହିଁ ସାଧୁ-ସଚ୍ଚରିତ୍ର ବୈଷ୍ଣବମାନଙ୍କର ଲକ୍ଷଣ । ପୁଣ୍ୟକର୍ମ କରିବା ସହିତ ଏପରି ସାଧୁଙ୍କ ସଙ୍ଗରେ କାଳଯାପନ କରି ନିର୍ମଳ ଭକ୍ତିଯୋଗର ମାର୍ଗରେ ରହିଲେ ମନୁଷ୍ୟର ଭଗବତ୍‌ପ୍ରାପ୍ତି ହୋଇଥାଏ ।

ମୁକ୍ତି ପ୍ରାପ୍ତି ନିମନ୍ତେ ବିବିଧ ମାର୍ଗ ନିର୍ଦ୍ଦେଶ କରାଯାଇଛି । ବେଦରେ ଓଁକାର ରୂପେ ଥିବା ପରମ ଜ୍ଞାନର ଅଭେଦ ତତ୍ତ୍ୱ ବୁଝିବାରେ ଅସମର୍ଥ ହୋଇ ଭିନ୍ନ ଭିନ୍ନ ପଣ୍ଡିତ ପ୍ରକୃତି ମତେ ଏହାର ଭିନ୍ନଭିନ୍ନ ବ୍ୟାଖ୍ୟା କରିଛନ୍ତି। ଏହାର କାରଣ ସଂପର୍କରେ ଭଗବାନ୍ ଉଦ୍ଧବଙ୍କୁ କହିଛନ୍ତି—

"ସଂସାରେ ମୁନିଗଣ ଚିତ୍ତ । ମୋର ମାୟାରେ ବିମୋହିତ ।
ନାନା ପ୍ରକାରେ ତର୍କ ବଳେ । ତତ୍ତ୍ୱ ବଖାଣନ୍ତି ଶୟଳେ ।
କୁତର୍କ ବିବାଦ ପ୍ରକାରେ । ତତ୍ତ୍ୱ ବିଚାରନ୍ତି ସଂସାରେ ।
ଏଣୁ ବଚନ ଏହାଙ୍କର । ବୁଝ ତୁ ଅନେକ ପ୍ରକାର ।" (୧୧।୨୩।୪)

ବିଭ୍ରାନ୍ତ ମନୁଷ୍ୟମାନେ ନିଜ ନିଜ ମନ ଅନୁସାରେ ଶ୍ରେୟ ମଣୁଥିବା ପନ୍ଥାର ଅନୁସରଣ କରିଥା'ନ୍ତି । କେହିକେହି ଧର୍ମ ଅର୍ଜନ ପାଇଁ ଶାସ୍ତ୍ର-ନିର୍ଦ୍ଦିଷ୍ଟ ପୁଣ୍ୟ କର୍ମ କରିଥା'ନ୍ତି ତ କେହିକେହି କାମ୍ୟ କର୍ମରେ ରତ ଥା'ନ୍ତି । କେହି ସତ୍ୟ, ଶମ, ଦମ, ଦାନ, ଯଜ୍ଞ, ତପ, ବ୍ରତ ଆଦି କରିଥା'ନ୍ତି ତ କେହିକେହି ଫଳ ଲାଭର ଲୋଭରେ କର୍ମ କରିବା ସହିତ ଐଶ୍ୱର୍ଯ୍ୟ-ସୁଖ ଭୋଗ କରିଥା'ନ୍ତି । ମାତ୍ର ଏସବୁର ପରିଣାମରେ ଦୁଃଖ-କ୍ଲେଶ ହିଁ ମିଳିଥାଏ । ପୂର୍ବ କର୍ମର ଫଳସ୍ୱରୂପ କାମ ଓ ଅର୍ଥ ଲାଭ ହେଉଥିଲେ ବି ତାହାକୁ ଭୋଗ ଓ ତାହାର ସଂରକ୍ଷଣ କରିବାରେ କ୍ଲେଶ ଥାଏ । ସେସବୁର ଅପଚୟ ଓ ବିନାଶର ଆଶଙ୍କା ମଧ୍ୟ ବ୍ୟସ୍ତ-ବିବ୍ରତ କରିଥାଏ । ଯଜ୍ଞ, ବ୍ରତ, ଦାନ, ଦେବପୂଜନ ଆଦି ଉତ୍ତମ କର୍ମ ହେତୁ ସ୍ୱର୍ଗସୁଖ ମିଳିଥାଏ; ମାତ୍ର ତାହା ମଧ୍ୟ ଅନିତ୍ୟ । ଅସାଧୁ ସଂସର୍ଗ, କୁତ୍ସିତ କର୍ମ, ଯଜ୍ଞାଦି ଛଳରେ ପଶୁବଧ ମନୁଷ୍ୟର ଅଧଃପତନର କାରଣ ହୋଇଥାଏ ।

କାମନା ହିଁ ସକଳ ଦୁଃଖର କାରଣ, ଏ କଥା ଭାଗବତରେ ମଧ୍ୟ କୁହାଯାଇଛି । କାମନା-ବାସନାରେ ଆସକ୍ତ ଚିତ୍ତ ଚଞ୍ଚଳ ହୋଇଥାଏ; ସେସବୁର ଫଳ ଭୋଗ କରିବା ନିମନ୍ତେ ବାରମ୍ବାର ଜନ୍ମ-ମରଣ-ପୁନର୍ଜନ୍ମର ପଥରେ ଗତିକରି ମନୁଷ୍ୟ ଦୁଃଖ ପାଇଥାଏ । ତା'ର ସଂସାର-ବନ୍ଧନ ତୁଟେ ନାହିଁ । କେବଳ ବିଷୟ-ଭୋଗରୁ ନିବୃତ୍ତ ହୋଇ ଭଗବଦ୍‌ଭକ୍ତିରେ ମଗ୍ନ ରହୁଥିବା ଲୋକ ନିଜ ଅନ୍ତରରେ ମହାସୁଖୀ ଥା'ନ୍ତି । ସଂସାରୀ ଭାବରୁ ମୁକ୍ତ ରହିଥିବାରୁ ସେମାନେ ଜନ୍ମ-ମରଣ ଭ୍ରାନ୍ତିର ଶିକାର ହୁଅନ୍ତି ନାହିଁ ।

ମନୁଷ୍ୟ ଜୀବନର ବିଫଳତା ଓ ସଫଳତା ନିମନ୍ତେ ମନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମନର ଅଧୀନରେ ବଶୀଭୂତ ହୋଇ ରହିଥିବା ମନୁଷ୍ୟ ଇନ୍ଦ୍ରିୟସୁଖ ପ୍ରତି ଆସକ୍ତ ହୋଇ ଭ୍ରମିତ ହୋଇଥାଏ । ଯମ, ନିୟମ, ଦାନ, ବ୍ରତ, ସ୍ୱଧର୍ମ ଆଦି

ସବୁକିଛି ମନ ସହିତ ସଂପୃକ୍ତ । ମନକୁ ସଂଯତ କରିଥିବା ବ୍ୟକ୍ତିର ଦାନାଦି କାର୍ଯ୍ୟରେ ପ୍ରୟୋଜନ ନାହିଁ । ଯେ ମନକୁ ଆୟତ୍ତ କରି ପାରି ନାହିଁ, ତା'ର ଦାନାଦି କାର୍ଯ୍ୟ ମୂଲ୍ୟହୀନ । ତେଣୁ ମନକୁ ଦୁର୍ଜୟ ଶତ୍ରୁ ବୋଲି କୁହାଯାଇଛି । ପୁରୁରବାଙ୍କ ସଚେତନତା ପ୍ରସଙ୍ଗରେ କୁହାଯାଇଛି—

"ବିଷୟ ସଙ୍ଗେ ଇନ୍ଦ୍ରି ମେଳେ । ମନ ବିକ୍ଷେପ ରସ ଭୋଳେ ।

x x x x

ମନ ନିଶ୍ଚଳେ ଇନ୍ଦ୍ରିଗଣ । ବଳେ ଯେ ହୁଅନ୍ତି ସଂଯମ ।"

(୧୧।୨୬।୨୨)

ମନର ସଂଯମଦ୍ୱାରା ମନୁଷ୍ୟ ଇନ୍ଦ୍ରିୟମାନଙ୍କୁ ଜୟ କରିପାରେ । ଯୋଗ ସାଧନାରେ ମନକୁ ସଂଯତ କରିଥାଏ । ଚିତ୍ତବୃତ୍ତିର ନିରୋଧ ହିଁ ଯୋଗ ବୋଲି କୁହାଯାଇଛି "ଯୋଗଃ ଚିତ୍ତବୃତ୍ତିନିରୋଧଃ" । ଭାଗବତରେ କୁହାଯାଇଛି—

"ଯୋଗୀଏ ଯୋଗବଳ ଧରି । ବଳେ ଇନ୍ଦ୍ରିୟ ବଶ କରି ।
ମନ ଅବଶେ ଯୋଗଭ୍ରଷ୍ଟ । ଏଣୁ ଏ ମନ ଅଟେ ଶ୍ରେଷ୍ଠ ।
ଯେ ତାକୁ ବଶ କରିପାରେ । ସର୍ବ ଇନ୍ଦ୍ରିୟ ଜୟ କରେ ।"

(୧୧।୨୪।୪୪)

ପୁଣି ମନର ସଂଯମ ହିଁ 'ପରମ ଜ୍ଞାନର କାରଣ' ବୋଲି ମଧ୍ୟ କୁହାଯାଇଛି । ଏକାଦଶ ସ୍କନ୍ଧର ଷୋଡ଼ଶ ଅଧ୍ୟାୟରେ ଭଗବାନ୍ ଅଷ୍ଟାଙ୍ଗଯୋଗ ସାଧନା ଓ ଅଷ୍ଟାଦଶ ସିଦ୍ଧି ବିଷୟରେ ବୁଝାଇଛନ୍ତି । ମାତ୍ର ଏହି ସିଦ୍ଧିସମୂହର ଲୋଭ ଜ୍ଞାନଯୋଗ ଓ ଭକ୍ତିଯୋଗର ବାଧକ ବାଲି ସାବଧାନ କରାଇ ଦେଇଛନ୍ତି । ସେହି ହେତୁ—

"ଯେ ଯୋଗୀ ସିଦ୍ଧି ପଥେ ଯାନ୍ତି
ବ୍ୟର୍ଥରେ ଦିନ ସେ ହରନ୍ତି ।" (୧୧।୧୬।୩୩)

ଭାଗବତରେ କର୍ମ, ଜ୍ଞାନ ଓ ଭକ୍ତି ସକଳ ମାର୍ଗର ଉପଯୋଗିତା ସଂପର୍କରେ ଚର୍ଚ୍ଚା କରାଯାଇଛି । ସ୍ୱର୍ଗର ଦେବତାମାନେ ମଧ୍ୟ ଜ୍ଞାନ ଓ ଭକ୍ତିରେ ଈଶ୍ୱରଙ୍କୁ ଭଜିବା ପାଇଁ ମନୁଷ୍ୟ ଜନ୍ମ ପାଇବାକୁ ଇଚ୍ଛା କରନ୍ତି । ସ୍ୱର୍ଗଲୋକରେ କର୍ମ ସାଧନର

ସୁଯୋଗ ନ ଥିବାରୁ ନରଦେହ ଧାରଣ କରି ତାହା କରିବାକୁ ଚାହାଁନ୍ତି । ସୁନ୍ଦର ରୂପକ ମାଧ୍ୟମରେ ମନୁଷ୍ୟ ଶରୀରର ମହତ୍ତ୍ୱ ବୁଝାଇ ଦିଆଯାଇଛି—

“ସର୍ବ ଶରୀର ମଧ୍ୟେ ସାର । ଦୁର୍ଲ୍ଲଭ ନର କଳେବର ।
ସୁଲଭ ନାବ ରୂପ ଘାଟେ । ବନ୍ଧନ ଭବସିନ୍ଧୁ ତଟେ ।
ଏ ନାବେ ଗୁରୁ କର୍ଣ୍ଣଧାର । ମୁହିଁ ଅନୁକୂଳ ସମୀର ।
ଏମନ୍ତ ନାବ ଥାଉଁ କୂଳେ । ଯେବେ ନ ତରେ ଭବ ଜଳେ ।
ସେ ନର ହୀନ ମୂଢ଼ମତି । ତାହାଙ୍କୁ ବୋଲି ଆତ୍ମଘାତୀ ।”

(୧୧।୨୧।୧୭)

ନିବୃତ୍ତି ମାର୍ଗକୁ ଆଶ୍ରୟ କରିବା, ଅର୍ଥାତ୍ ଚିତ୍ତକୁ ସଂସାର-ବିଷୟରୁ ନିବର୍ତ୍ତାଇ ନିରୋଧ କରିବା, ସ୍ଥିରଚିତ୍ତ ହୋଇ ବୈରାଗ୍ୟଭାବ ପୋଷଣ କରିବା ଦ୍ୱାରା କ୍ରମେ ଦୁର୍ବାସନାମାନ ଦୂର ହୋଇଯାଏ । ଯୋଗମାର୍ଗରେ ପବନ ସାଧନା ପାଇଁ ଦୃଢ଼ବନ୍ଧ ଯୋଗାସନରେ ବସି ସ୍ୱଭାବତଃ ଚଞ୍ଚଳ ମନକୁ ସତ୍ତ୍ୱଗୁଣରେ ଭରି ଆୟତ୍ତରେ ରଖିବାକୁ ହୁଏ । ଚଞ୍ଚଳ ତୁରଙ୍ଗମକୁ ଧୀରେଧୀରେ ମଣାଇ ସାଧି କଲାପରି କ୍ରମେକ୍ରମେ ଅଭ୍ୟାସ କରି ମନ-ପବନକୁ ସାଧି କରିବାକୁ ହୁଏ ।

ଜନ୍ମ-ମୃତ୍ୟୁ-ପୁନର୍ଜନ୍ମର ରହସ୍ୟ ବୁଝାଇବାକୁ ଯାଇ ଭଗବାନ୍ ଉଦ୍ଧବଙ୍କୁ କହିଛନ୍ତି—

“ମନଟି ହୋଇ କର୍ମମୟ । ନାନା ପ୍ରକାରେ ସୃଜେ ଦେହ ।
ପ୍ରାଣୀ ଜୀବନ ଅନ୍ତ କାଳେ । ମନ ଇନ୍ଦ୍ରିୟ ପଞ୍ଚ ମେଳେ ।
ପ୍ରାଣ ସଙ୍ଗତେ ଛାଡ଼ି ବେଗେ । କର୍ମାନୁସାରେ ଜନ୍ମ ଲଭେ ।”

(୧୧।୨୩।୩୬)

ଗୋଟିଏ ଜନ୍ମର ଜୀବନକାଳ ଶେଷ ହେଲେ ଜୀବାତ୍ମାକୁ ଇନ୍ଦ୍ରିୟଯୁକ୍ତ ଶରୀର ଓ ପ୍ରାଣକୁ ଛାଡ଼ିବାକୁ ହୁଏ । ମନର ବାସନା ଓ କୃତ କର୍ମ ଅନୁଯାୟୀ ସେ ନୂତନ ଶରୀର ପ୍ରାପ୍ତ ହୁଏ । ନିଦ୍ରାଭଙ୍ଗ ପରେ ସ୍ୱପ୍ନର ବିଷୟ ମନେ ନ ରହିଲା ପରି ନୂତନ ଶରୀର ପ୍ରାପ୍ତି ପରେ ଜୀବ ପୂର୍ବ ଦେହର କଥା ପାସୋରି ଦିଏ ।

ଆଧୁନିକ ବିଜ୍ଞାନ ପରି ଭାଗବତରେ ମଧ୍ୟ ଜୀବର ଶରୀରରେ ପ୍ରତି ମୁହୂର୍ତ୍ତରେ ସୂକ୍ଷ୍ମ ଜନ୍ମ-ମୃତ୍ୟୁ ଘଟୁଥିବାର, ଅର୍ଥାତ୍ ଦେହର ସୂକ୍ଷ୍ମ ଅଂଶ (ଜୀବକୋଷ)ରେ ବିନାଶ ଓ ଉଦ୍‌ଭବର ପ୍ରକ୍ରିୟା ଚାଲିଥିବା କଥା ଉଲ୍ଲେଖ କରାଯାଇଛି । ତେବେ କାଳର ସୂକ୍ଷ୍ମଗତିରେ ଚାଲିଥିବା ଏହି ନିରନ୍ତର ପ୍ରକ୍ରିୟାକୁ ମନୁଷ୍ୟର ସ୍ଥୂଳବୁଦ୍ଧି ବୁଝିପାରେ ନାହିଁ । "ମର୍ତ୍ତ୍ୟେ ମନୁଷ୍ୟ ଦେହ ବହି / ଦେବତା ହୋଇଲେ ମରଇ ।" ଏହି ଉକ୍ତିରେ ଯେଉଁ ମୃତ୍ୟୁର କଥା କୁହାଯାଇଛି, ତାହା କେବଳ ଶରୀରର ମୃତ୍ୟୁ; ଜୀବାତ୍ମାର ମୃତ୍ୟୁ ନୁହେଁ । ଦେହକୁ ଆତ୍ମା ମନେ କରିବା ଅଜ୍ଞାନର ପରିଚାୟକ । ବାସ୍ତବରେ ଜନ୍ମ-ମୃତ୍ୟୁର ପ୍ରକ୍ରିୟା ସତ୍ୟ ନୁହେଁ, ଆଭାସ ମାତ୍ର । ଜୀବମାନଙ୍କର ଗର୍ଭ-ପ୍ରବେଶ, ଜନ୍ମ, ବାଲ୍ୟ, କୌମାର, ପୌଗଣ୍ଡ, ଯୌବନ, ମଧ୍ୟମ ବୟସ, ଜରା, ମରଣ ଆଦି କେବଳ ଅବସ୍ଥାର ପରିବର୍ତ୍ତନ । ଆତ୍ମାର ଜନ୍ମ-ମୃତ୍ୟୁ ନାହିଁ । ଦେହ, ଇନ୍ଦ୍ରିୟ, ମନ, ପ୍ରାଣ ଇତ୍ୟାଦିରେ ଅଭିମାନ ରଖୁଥିବା ଜୀବ ତ୍ରିଗୁଣରଜ୍ଜୁରେ ବାନ୍ଧି ହୋଇ କାଳ ବଶରୁ ଜନ୍ମ-ମରଣାଦିର କବଳିତ ହୋଇଥାଏ । ତେଣୁ ଅହଂକାର ହିଁ ବନ୍ଧନର କାରଣ; ଅହଂକାରର ବିଲୋପ ହେଲେ ଜୀବ ମୁକ୍ତ ହୁଏ—

"ଏ ଅହଂକାର ବନ୍ଧ କହି । ନିବୃତ୍ତି ମୁକତି ବୋଲାଇ ।"

(୧୧।୨୯।୧୭)

ବୀଜରୁ ଜାତ ବୃକ୍ଷରେ ବୀଜ ରହିଥାଏ, କାଳବିପାକରେ ବୃକ୍ଷର ବିନାଶ ହେଲେ ମଧ୍ୟ ବୀଜରୁ ପୁଣି ନୂତନ ବୃକ୍ଷର ଉତ୍ପତ୍ତି ହୁଏ । ବୀଜ ବୃକ୍ଷର ଉତ୍ପତ୍ତିର କାରଣ ହେଲେ ମଧ୍ୟ ବୃକ୍ଷଠାରୁ ଭିନ୍ନ । ସେହିପରି ଆତ୍ମା ଦେହଠାରୁ ସ୍ୱତନ୍ତ୍ର । ଭଗବାନ୍ ଜନ୍ମ-ମୃତ୍ୟୁର ତତ୍ତ୍ୱକୁ ଉଦାହରଣ ମାଧ୍ୟମରେ ବୁଝାଇଛନ୍ତି—

"ନିଶ୍ଚଳେ ବୃକ୍ଷ ଛାୟା ଯେହ୍ନେ । ଚଞ୍ଚଳ ଜଳର କମ୍ପନେ ।
ଭ୍ରମିଲେ ନେତ୍ର ପ୍ରାଣୀଙ୍କର । ଭ୍ରମଇ ଯେହ୍ନେ ଭୂମଣ୍ଡଳ ।
ସ୍ୱପ୍ନେ ଅନର୍ଥ ଦେଖି ଯେତେ । ଜନ୍ମମରଣ ଏହି ମତେ ।
କେବେ ହେଁ ନୁହଇ ଏ ସତ୍ୟ । ଏ ମୋର ମାୟା ବିକଳ୍ପିତ ।"

(୧୧।୨୩।୫୩-୫୪)

ସମଗ୍ର ଜଗତରେ କାର୍ଯ୍ୟ-କାରଣ-କର୍ତ୍ତା ରୂପେ ବ୍ୟାପି ରହିଥିବା ପରଂବ୍ରହ୍ମ ହିଁ ଏକମାତ୍ର ସତ୍ୟ । ଜଗତ୍‌ସୃଷ୍ଟି ରାଜସ ବିକାର ମାତ୍ର । ସ୍ୱୟଂଜ୍ୟୋତି ବ୍ରହ୍ମ ନିଜେ ନିଜକୁ ପ୍ରକାଶିତ କରିଥିବାରୁ ସବୁକିଛି ବ୍ରହ୍ମମୟ ।

ସୁବର୍ଣ୍ଣରୁ ନିର୍ମିତ ଯାବତୀୟ ଦ୍ରବ୍ୟର ରୂପ ତରଳିବା ହେତୁ ବିନାଶ ହେଲା ପରେ ସେସବୁ ସୁବର୍ଣ୍ଣରେ ପରିଣତ ହେଲାପରି ଈଶ୍ୱରଙ୍କଠରୁ ସମ୍ଭବିଥିବା ସକଳ ଜାଗତିକ ସତ୍ତା କାଳବଶରୁ ପୁଣି ତାଙ୍କରିଠାରେ ଲୀନ ହୁଅନ୍ତି । ଚରାଚର ବିଶ୍ୱରେ ଆତ୍ମା ହିଁ ସତ୍ୟ ବୋଲି ଭଗବାନ୍ ଉଦ୍ଧବଙ୍କୁ ବୁଝାଇଛନ୍ତି । ଆତ୍ମା ତ୍ରିଗୁଣାତ୍ମିକା ପ୍ରକୃତି ନିମିତ୍ତ ସଂସାର ସହିତ ସଂପୃକ୍ତ ନୁହେଁ । ଦେହ, ଇନ୍ଦ୍ରିୟ, ପ୍ରାଣ, ପଞ୍ଚଭୂତ, ଅହଂକାର, ବୁଦ୍ଧି, ମନ, ପ୍ରକୃତି କେହି ହେଲେ ଆତ୍ମା ନୁହେଁ, ଏହି କଥାକୁ ବୁଝିଥିବା ବ୍ୟକ୍ତି ହିଁ ପ୍ରକୃତରେ ଜ୍ଞାନବନ୍ତ । ଆତ୍ମା ଅଦ୍ୱିତୀୟ, ଅବିକଳ୍ପ, ଅଜ, ଅପ୍ରମେୟ, ଅନନ୍ତ, ନିର୍ବିକାର, ସ୍ୱୟଂଜ୍ୟୋତି । ତାହାର କ୍ଷୟ-ବୃଦ୍ଧି ନାହିଁ କି ତାହା ଦେଶ-କାଳ ସହ ଜଡ଼ିତ ହୁଏ ନାହିଁ । ଯାହାର ଆତ୍ମା ନିର୍ମଳ ଭାବେ ପ୍ରକାଶିତ ହୁଏ, ଅର୍ଥାତ୍ ଆତ୍ମାକୁ ଆବୃତ କରିଥିବା ଉପାଧିମାନ ଅପସୃତ ହୋଇ ଆତ୍ମସ୍ୱରୂପର ଅନୁଭବ ହୁଏ, ସେ ଦେହର ସ୍ୱାଭାବିକ କ୍ରିୟା ପ୍ରତି ମଧ୍ୟ ଧ୍ୟାନ ଦିଏ ନାହିଁ ।

ଜାରା ଶବରର ନାରାଚ ଆଘାତରେ ବିକ୍ଷତଚରଣ ଶ୍ରୀକୃଷ୍ଣଙ୍କର ମୁମୂର୍ଷୁ ଦଶା ଦେଖି ଶୋକାକୁଳ ହୋଇଥିବା ସାରଥି ଦାରୁକଙ୍କୁ ଭଗବାନ୍ ଉପଦେଶ ଦେଇଥିଲେ—

"ତୁ ଏବେ ହୁଅ ଜ୍ଞାନପର । ସକଳ ଭ୍ରମ କର ଦୂର ।
ସଂସାର ମୋହ ଛାଡ଼ି ଚିତ୍ତେ । ରହ ତୁ ମୋର ଧର୍ମ ପଥେ ।"
(୧୧।୩୧।୩୭)

ଏଥିପୂର୍ବରୁ ଉଦ୍ଧବଙ୍କୁ କହିଥିଲେ ଯେ ବାହ୍ୟ ବିଷୟମାନଙ୍କରେ ଦୋଷ-ଗୁଣ, ଶୁଦ୍ଧ-ଅଶୁଦ୍ଧ ଭାବ ନ ଥାଏ । ମନୁଷ୍ୟର ଆଚାର-ବିଚାର ହିଁ ପୁଣ୍ୟ ଓ ପାପ, ଧର୍ମ ଓ ଅଧର୍ମ ବିଷୟକ ଧାରଣାର ହେତୁ । ଧର୍ମ ହିଁ ଜଗତକୁ ଧରି ରଖିଥାଏ—

"ଦ୍ରବ୍ୟେ ନ ବସେ ଦୋଷଗୁଣ । ଶୁଦ୍ଧ ଅଶୁଦ୍ଧ ବିଚାରଣ ।
ଆଚାର ମୂଳେ ଧର୍ମ ଜାତ । ଧର୍ମେ ଧାରଣ ଏ ଜଗତ ।
ଏଣୁ ଧାର୍ମିକ ପ୍ରାଣୀଙ୍କର । ନିଗମ ଦେଖାଏ ଆଚାର ।" (୧୧।୨୨।୮)

ନିଗମ ଶାସ୍ତ୍ରରେ ପ୍ରଦତ୍ତ ବିଧି-ନିଷେଧକୁ ପାଳନ କରି କାର୍ଯ୍ୟ କରିବା ହିଁ ଧର୍ମ ।

ଉଦ୍ଧବଙ୍କ ଅନୁରୋଧ କ୍ରମେ ଭଗବାନ୍ ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ଯତିଧର୍ମ (ସନ୍ନ୍ୟାସ) ସମ୍ପର୍କରେ ବୁଝାଇଛନ୍ତି; ଚତୁର୍ବର୍ଣ୍ଣର ଧର୍ମ ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି । କିନ୍ତୁ ସଙ୍ଗର ପ୍ରଭାବ ଯେ ଗୁରୁତ୍ୱପୂର୍ଣ୍ଣ, ତାହା ମଧ୍ୟ ସ୍ପଷ୍ଟ କରି ଦେଇଛନ୍ତି—

"ଉତ୍ତମ ସଙ୍ଗେ ସଙ୍ଗ ଯାର । ସେ କରେ ଉତ୍ତମ ବେଭାର ।<br>
ହୀନ ସଙ୍ଗତେ ହୀନ ଗତି । ହସି କହନ୍ତି ଯଦୁପତି ।" (୧୧।୧୮।୧୪)

ଅସତ୍ୟ ବାକ୍ୟ କଥନ, ଦମ୍ଭ, କାମ, ନାସ୍ତିକତା, କ୍ରୋଧରେ ହତଜ୍ଞାନ ହେବା, କଳହ, କୁବଚନ, ବିରୋଧ, ଆଚାର-ଲଙ୍ଘନ ବା ଅନାଚାର, ପରହିଂସନ, ପରବାଦ, ପରସ୍ତ୍ରୀ ଓ ପର ଧନ ପ୍ରତି ଲୋଭ, ଏସବୁ ହୀନଜନର ଲକ୍ଷଣ । ସାଧୁସଙ୍ଗ କୁସଙ୍ଗର ଦୋଷକୁ ହରଣ କରିଥାଏ, ଅର୍ଥାତ୍ ମନ୍ଦ ପ୍ରଭାବକୁ ଦୂର କରି ଦେଇଥାଏ । ବିବିଧ ପୁଣ୍ୟକର୍ମ, ଯମ-ନିୟମାଦି ଯୋଗମାର୍ଗ, ବ୍ରତ, ଦାନ, ଯଜ୍ଞାନୁଷ୍ଠାନ, ଦେବାର୍ଚ୍ଚନ ଇତ୍ୟାଦି କଲେ ମଧ୍ୟ ସାଧୁସଙ୍ଗ ବିନା ସବୁ ନିଷ୍ଫଳ ହୁଏ । ସାଧୁସଙ୍ଗର ପ୍ରଭାବରେ ଭକ୍ତିଭାବର ଉଦୟ ହେବାରୁ ମୁକ୍ତି ସୁଲଭ ହୋଇଥାଏ । ସାଧୁଜନଙ୍କ ଲକ୍ଷଣ ସମ୍ପର୍କରେ ଭଗବାନ୍ କହିଛନ୍ତି—

"ସ୍ୱଭାବେ ସାଧୁଜନ ଯେତେ । ସମାନ ଦେଖନ୍ତି ଜଗତେ ।<br>
ମିତ୍ର ଅଇରି ବେନି ପକ୍ଷ । ତାହାଙ୍କ ଚିତ୍ତ ନିରପେକ୍ଷ ।<br>
ଚିତ୍ତ ନିବେଶି ମୋ ଚରଣ । ସ୍ୱଭାବେ ଶାନ୍ତିପରାୟଣ ।<br>
ନିର୍ଦ୍ୱନ୍ଦ୍ୱ ନିଷ୍କାମ ନିର୍ମୋହ । ନାହିଁ ତାହାଙ୍କ ପରିଗ୍ରହ ।<br>
ଏହାଙ୍କ ସଙ୍ଗେ ସଙ୍ଗ କର । ମୋର ଭକତି ହୃଦେ ଧର ।"<br>
(୧୧।୨୭।୨୬-୨୭)

ଅନ୍ଧକୁ ଅନୁସରଣ କରି ଆଉ ଜଣେ ଅନ୍ଧ ଖାତରେ ପଡ଼ିଲା ପରି ଦୁର୍ଜନ ସଙ୍ଗର ପ୍ରଭାବରେ ସକଳ ଜ୍ଞାନ ନଷ୍ଟ ହୋଇଥାଏ । କିନ୍ତୁ ଅଗ୍ନି-ସେବନ ବା ନିଆଁ ପୁଇଁବା ଦ୍ୱାରା ଶୀତ ଦୂର ହେଲାପରି ସାଧୁ-ସଙ୍ଗତି କଲେ କର୍ମବାସନା ଦୂର ହୋଇ

ସଂସାରରୁ ମୁକ୍ତି ପାଇବାର ପଥ ଖୋଲିଯାଏ । ସୂର୍ଯ୍ୟ ରାତ୍ରିର ଘୋର ଅନ୍ଧକାରକୁ ଦୂର କଲାପରି ସନ୍ଥମାନେ ଜ୍ଞାନଦୃଷ୍ଟି ପ୍ରଦାନ କରି ଅଜ୍ଞାନ ରୂପକ ଅନ୍ଧକାରକୁ ନଷ୍ଟ କରିଥା'ନ୍ତି (୧୧।୨୬।୩୩) । ଭୟଙ୍କର ସଂସାର-ସାଗରରେ ବୁଡ଼ିଉଠି ଭାସି ଚାଲିଥିବା, ନିୟତ ପଥ ହୁଡୁଥିବା ଜୀବ ପାଇଁ—

"ଏ ଘୋର ସଂସାର ତରଙ୍ଗ । ନିସ୍ତାର ହେତୁ ସାଧୁସଙ୍ଗ ।
ସାଧୁ ସଙ୍ଗମ ନାବେ ବସି । ନିସ୍ତରେ ଘୋର ଜଳରାଶି ।"

ଆଚାର୍ଯ୍ୟ ଶଙ୍କରଙ୍କ 'ମୋହମୁଦ୍‌ଗର'ରେ ମଧ୍ୟ ସେହି କଥା କୁହାଯାଇଛି-

"କ୍ଷଣମିହ ସଜ୍ଜନସଙ୍ଗତତିରେକା ।
ଭବତି ଭବାର୍ଣ୍ଣବ ତରଣେ ନୌକା ।"

ବିଦେହରାଜ ନିମି ମଧ୍ୟ ତାଙ୍କ ଯଜ୍ଞଶାଳାରେ ଉପସ୍ଥିତ ହୋଇଥିବା ନବମୁନିଙ୍କର ଦର୍ଶନରେ ଆନନ୍ଦିତ ହୋଇ ଜ୍ଞାନୋପଦେଶ ଲୋଡ଼ିଥିଲେ ଓ ସାଧୁସଙ୍ଗର ମହିମା ସ୍ୱୀକାର କରି କହିଥିଲେ—

"କ୍ଷଣେ ନିମିଷେ ଲବେ ଲେଶେ । ଯେ ବସେ ସାଧୁଜନ ପାଶେ ।
ଚିତ୍ତେ ଚିନ୍ତଇ କୃଷ୍ଣଭାବ । ତାହାକୁ ବୋଲି ନିଧି ଲାଭ ।"

(୧୧।୨।୩୦)

ଭାଗବତ କଥାରେ ମନୋନିବେଶ ମୂର୍ଖକୁ ମଧ୍ୟ ମୁକ୍ତିମାର୍ଗରେ ପରିଚାଳିତ କରିଥାଏ।

(କ୍ରମଶଃ)

❖❖❖

# DIRECTORY

(With Phone Numbers)

## Utkal Theosphical Federation

| | | |
|---|---|---|
| President | Mr. Pradip K. Mohapatra | 9437697429 |
| Vice- President | Dr. Chinmayee Mohapatra | 9937672052 |
| Secretary | Mrs. Mitalini Choudhury | 8249332616 |
| Joint Secretary | Mr. Satyabrata Rath | 7008777232 |
| Treasurer | Ms. Swarnalata Das | 9438299083 |

## Lodges (Branches)

| *Name* | *President* | *Secretary* |
|---|---|---|
| Ashok (Cuttack) | Mr. Alok Kumar Mohapatra 9937166008 | Mrs. Banaja Rani Panda 9853656747 |
| Balangir | Mr. Sunil K. Panda 9437104323 | Mrs. Bijaylaxmi Mishra 9437525285 |
| Balasore | Mr. Hariram Machhar 9692611183 | Prof.Parthasarathi Prasad Sarangi 9437495702 |

| | | |
|---|---|---|
| Barabati (Cuttack) | Dr. Prafulla Kumar Dash<br>9861156313 | Mr. B.S. Mohanty<br>9886733388 |
| Berhampur | Mr. Dibakar Sabat<br>9437620140 | Mrs. Bijayalaxmi Panigrahi<br>9348471223 |
| Bhawanipatna | Mrs. Kalpana Rath<br>6370216742 | Mr. Suvendu K. Mohapatra<br>9437938839 |
| Bhubaneswar | Prof. K.P. Padhi<br>6370666570 | Mr. Santosh K. Sahoo<br>8917572201 |
| Cuttack | Dr. Chinmayee Mohapatra<br>9937672052 | Mr. Sudhanshu Sekhar Pati<br>9692123304 |
| Devapi (Bhubaneswar) | Dr. Deepa Padhi<br>9937025007 | Mrs. Dhara Padhi<br>9861084455 |
| Gopaljee (Alana) | Mrs. Minakhi Mohanty<br>— | Mrs. Sabita Choudhury<br>8260106042 |
| Jagannath (Puri) | Mrs. Kallolini Mohanty<br>9692256758 | Mrs.Kasturi Mohanty<br>9338690369 |
| Jagatsinghpur | Mr. Pratap Kumar Das<br>8249096600 | Mr. Bipin Bihari Muduli<br>8763726428 |
| Kapilas (Dhenkanal) | Mr.Sidheswar Mishra<br>6371207551 | Mrs. Swetalina Mohanty<br>9937158700 |

| | | |
|---|---|---|
| Laxminarayan (Bhubaneswar) | Mr. Pramod C. Mishra 9110803623 | Mr. P.K. Das 8917327780 |
| Lingaraj (Bhubaneswar) | Bro. Chandrabhanu Malla 9861850458 | Sis. Prajna Paramita Routray 6370588791 |
| Mahanadi (Cuttack) | Mrs. Swarnalata Satapathy 9938141176 | Ms. Ananya Satapathy 8328810213 |
| Maru (Bhubaneswar) | Mr. Paurnamasi Pattanaik 9437276204 | Mrs. Gayatri Pattanaik 6370939025 |
| Pythagoras Youth (Bhubaneswar) | Ms. Sarmistha Biswal 8763867723 | Ms. Tapaswini Samantaray 8249508098 |
| Rayagada | Mr. Subrat Mohapatra 9483808326 | Mrs. Smita Kanungo 9438668020 |
| Sanat Kumar (Bhubaneswar) | Mr. R.C. Pattanaik 9437011322 | Mr. Satyabrata Ratha 700877232 |
| Sambalpur | Rs. Dhrub Prasad Panda 9437065586 | Mr. Manoj Ku. Pujari 9861307632 |
| Siddharth (Bhubaneswar) | Mrs. Sailabala Acharya 9237218033 | Mrs. Smita Choudhury 9313259314 |
| Upasika (Jajpur) | Mr. Damodar Behera 9938145407 | Mr. Kumar Nayak 9348482147 |

## ବିଶେଷ ସୂଚନା

- ଲେଖକମାନେ ଲେଖାଗୁଡ଼ିକ D.T.P. କରି ପଠାଇବା ଆବଶ୍ୟକ; ଅଥବା କାଗଜର ଗୋଟିଏ ପାର୍ଶ୍ୱରେ ଉତ୍ତମ ହସ୍ତାକ୍ଷରରେ ଶୁଦ୍ଧ ଓ ସ୍ପଷ୍ଟ ଭାବରେ ଲେଖି ପଠାଇବା ଉଚିତ ।
- 'ପତ୍ରିକା'ରେ ସ୍ଥାନିତ ସମସ୍ତ ଲେଖା ଲେଖକଙ୍କ ନିଜସ୍ୱ ବିଚାର ଓ ଆକଳିତ ତଥ୍ୟ ଉପରେ ଆଧାରିତ । ଏଥିରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେଲେ ସେଥିପାଇଁ ସଂପୃକ୍ତ ଲେଖକ ହିଁ ଦାୟୀ ରହିବେ ।

—ସମ୍ପାଦକ

## ❖ ଲେଖା ପଠାଇବାର ଠିକଣା ❖


**ଉତ୍କଳ ବ୍ରହ୍ମବିଦ୍ୟା ସଂଘ**
**ପ୍ଲଟ୍ ନମ୍ବର-୩୪୬**
**ଗୌତମ ନଗର, ଭୁବନେଶ୍ୱର-୭୫୧୦୧୪**
**Email: mitalini.m@gmail.com**

❖

**ବ୍ରହ୍ମବିଦ୍ୟା ସମିତି**
**ଥିଓସୋଫି ହାଉସ୍, କାଳିଗଳି, କଟକ-୭୫୩୦୦୨**
**Email: pssekhar43@gmail.com**